ଧରିତ୍ରୀ
DHARITRI
August 28-September 3, 2022 ₹ 2/-
ଛୁଟିଦିନ



# ଅବହେଳିତ କ୍ରୀଡ଼ାବିତ୍




ଏମାନେ କ୍ରୀଡାବିତ୍। ଦିନରାତି ଏକ କରି ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସହ ଲଢି ଏମାନେ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣନ୍ତି। କିନ୍ତୁ ଅନେକ ସମୟରେ ଏମାନଙ୍କ କଥା ଭୁଲି ଯାଏ ତା'ର ରାଜ୍ୟ। ଅବହେଳାର ଶିକାର ହୋଇ ଏମାନେ ପରିବାର ପ୍ରତିପୋଷଣ ପାଇଁ ଆଦରି ନିଅନ୍ତି ସିନା ଭିନ୍ନ ପେସା। କିନ୍ତୁ ସ୍ୱପ୍ନ ଥାଏ କ୍ରୀଡା କ୍ଷେତ୍ରରେ ଆଗକୁ ଯିବାର...

ପ୍ରଚ୍ଛଦ ପ୍ରସଙ୍ଗ ୪

## ଆଲମାରିରେ କ’ଣ ରଖିଲେ ଶୁଭ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ଯଦି ଠିକ୍ ଦିଗରେ ଟଙ୍କା, ସୁନା ରଖାଯାଉଥିବା ଆଲମାରୀ ରଖା ନ ଯାଏ ତା’ହେଲେ ଆମଦାନୀ ତୁଳନାରେ ଖର୍ଚ୍ଚ ଅଧିକ ହୋଇଥାଏ। ତେଣୁ କେଉଁଠି ରଖିବେ ଏହାକୁ ଜାଣନ୍ତୁ ସେ ସମ୍ପର୍କରେ...**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଉତ୍ତର ଦିଗ ହେଉଛି ଭଗବାନ କୁବେରଙ୍କର ଆବାସସ୍ଥଳୀ। ତେଣୁ ଏହି ଦିଗରେ ଆଲମାରୀ ରଖିବା ଶୁଭ ହୋଇଥାଏ।

* ଆଲମାରୀକୁ କେବେ ବି ଖାଲି ରଖିବା ଠିକ୍ ନୁହେଁ। ସେଥିରେ ଅଳ୍ପ କିଛି ହେଉ ପଛକେ ଟଙ୍କା ରଖିବା ଦରକାର। ତା’ସହିତ ଭଗବାନ ଗଣେଶ ଓ ମାତା ଲକ୍ଷ୍ମୀଙ୍କର ଫଟୋ ହେଉ କିମ୍ବା ମୂର୍ତ୍ତି ଅଥବା ରୁପାର ଏକ ଛୋଟ କଳସକୁ ଆଲମାରୀରେ ରଖିବା ଶୁଭଫଳ ଦେଇଥାଏ।

* ଧ୍ୟାନ ରଖିବେ, ଆଲମାରୀ ଯେଉଁ ଘରେ ଅଛି ସେହି ଘରେ ଯେପରି ଗୋଟିଏ ପ୍ରବେଶ ଦ୍ୱାର ଥିବ, ସେ ପୁଣି ଦୁଇଫାଳ ହୋଇ ଖୋଲୁଥିବ; ଯଦ୍ୱାରା ଘରେ



ଅଯଥା ଖର୍ଚ୍ଚ ଆଉ ବେଶି ହେବନି।

* ଯେଉଁ ଆଲମାରୀର ଗୋଡ଼ ନ ଥାଏ, ସେଥିରେ ଟଙ୍କା, ପଇସା ରଖିବା ଠିକ୍ ନୁହେଁ।

* ଆଲମାରୀରେ କୁବେର ଯନ୍ତ୍ର ହେଉ ଅବା କିଛି ରୁପା କଏନ୍ ରଖିବା ବି ଶୁଭ ହୋଇଥାଏ।

* ଆଲମାରୀ ଥାକରେ ନାଲି ହେଉ ଅବା ସୁନେଲି ରଙ୍ଗର କପଡ଼ା ପକାଇବା ଶୁଭ। କାରଣ ଏହି ଦୁଇଟି ରଙ୍ଗ ମାତା ଲକ୍ଷ୍ମୀଙ୍କର ଭାରି ପ୍ରିୟ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଅଗଷ୍ଟ ୨୮-ସେପ୍ଟେମ୍ବର ୩

**ମେଷ:** ସୁଖସମ୍ମାନ ପ୍ରାପ୍ତି,ବିବାଦର ଅବସାନ,ପ୍ରତିବନ୍ଧକ ଦୂରେଇଯିବ, ଟେନ୍‌ସନ କମିବ, ବ୍ୟବସାୟରେ ପ୍ରତିଦ୍ୱନ୍ଦିତା, ଗୃହସୀମାବିବାଦ, ଭ୍ରମଣ ସୁଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ପଡୋଶୀଙ୍କ ସହାନୁଭୂତି, ନୂତନ ନିଯୁକ୍ତି ଖବର ॥

**ବୃଷ:** ସୃଜନଶକ୍ତିର ବିକାଶ, ଆନୁଷ୍ଠାନିକ କର୍ମାରମ୍ଭ, ଶୁଭଖବର ପ୍ରାପ୍ତି, ସମସ୍ୟା ସମାଧାନ, ପରିବାରରେ ଭୁଲ୍‌ବୁଝାମଣା, ପଡୋଶୀଙ୍କ ଆକ୍ଷେପୋକ୍ତି, ସହକର୍ମୀଙ୍କ ବଦାନ୍ୟତା, ବାଣିଜ୍ୟରେ ଉନ୍ନତି ॥

**ମିଥୁନ:** ନୂତନକର୍ମାରମ୍ଭ, ବନ୍ଧୁଙ୍କ ପ୍ରେରଣା, ପରିବାରିର ସହମତି, ଦୂରଯାତ୍ରାର ପ୍ରସ୍ତୁତି, ଦର୍ଶନୀୟସ୍ଥାନ ପରିଦର୍ଶନ, ଭୁଲ୍ ବୁଝାମଣାରୁ କଳହ,ଶାରୀରିକ ଅସୁସ୍ଥତା, ମାନସିକ ଅସ୍ଥିରତା, ସନ୍ତାନ ହେତୁକ ଗୌରବ, ଋଣପରିଶୋଧ ॥

**କର୍କଟ:** କର୍ମକ୍ଷେତ୍ରରେ ପ୍ରତିଷ୍ଠା, ପଡୋଶୀଙ୍କ ସମାଲୋଚନା, କରଜ ଦାତାଙ୍କ ଚାପବୃଦ୍ଧି, ଦୂରଯାତ୍ରାର ଯୋଜନା, ରାଜକୀୟ ସମ୍ମାନ, ମାଙ୍ଗଳିକ କାର୍ଯ୍ୟପ୍ରସ୍ତୁତି , ପାରିବାରିକ ଶାନ୍ତି, ରୋଗପୀଡା ହ୍ରାସ ॥

**ସିଂହ:** ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସ୍ଥାନାନ୍ତର ସୂଚନା, ଅତିଥି ଚର୍ଚ୍ଚାର ଆନନ୍ଦ ପାରିବାରିକ ତିକ୍ତତା, ହତାଶାବୋଧ କରିବେ ସାମାଜିକସମ୍ମାନ, ମଧ୍ୟସ୍ଥତାରୁ ବିବାଦ, ଜମିଜମା ରେଜିଷ୍ଟ୍ରେସନ, ସାଧନାରେ ରୁଚି, ଅନୁସନ୍ଧାନରେ ସଫଳତା ॥

**କନ୍ୟା:** କର୍ମଜାଳବୃଦ୍ଧି, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ସ୍ଥଗିତକାର୍ଯ୍ୟାରମ୍ଭ, ଅଧ୍ୟାପନାରେ ଉନ୍ନତି, ଲକ୍ଷ୍ୟ ପୂରଣ ହେବ, ପାରିବାରିକ ମତାନ୍ତର, ଦୁର୍ଭାବନା ବଢିବ, ଆତ୍ମୀୟଙ୍କ ଅସହଯୋଗ ଶ୍ରମଜନିତ କ୍ଳାନ୍ତିବୋଧ ॥

**ତୁଳା:** ଉନ୍ନତ ଚିନ୍ତା, ସାମୟିକ ପ୍ରତିରୋଧ, ବ୍ୟବସାୟିକ ସଫଳତା, ନୂତନ ମିତ୍ରତା, ଦ୍ୱନ୍ଦ୍ୱର ଅବସାନ, ଲୋକ ସମ୍ପର୍କ ବୃଦ୍ଧି, ପାରିବାରିକ ବିତର୍କ,ସମ୍ପର୍କୀୟଙ୍କ ଅସହଯୋଗ, ବନ୍ଧୁସମ୍ପର୍କ ହାନି, ମକଦ୍ଦମାରୁ ଦୁଶ୍ଚିନ୍ତା ॥

**ବିଛା:** ଆର୍ଥିକଅଭିବୃଦ୍ଧି, ତୀର୍ଥାଟନର ସୁଯୋଗ, ପ୍ରତିବନ୍ଧକ ହଟିଯିବ, ପାରିବାରିକ ସମସ୍ୟା ପରିସ୍ଥିତିକୁ ସମ୍ଭାଳିବେ , ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ ସଫଳତା, ଯୁକ୍ତିତର୍କରୁ ଅସମ୍ମାନ, ଅର୍ଥସମ୍ମାନ ପାଇବେ, ସନ୍ତାନଙ୍କ ବିଶୃଙ୍ଖଳା ॥

**ଧନୁ:** ମାନସିକ ଅସ୍ଥିରତା, ବନ୍ଧୁଙ୍କ ପରାମର୍ଶ, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ପାରିବାରିକ ସମର୍ଥନ, ସମସ୍ୟାକୁ ସୁଧାରିବେ , ଠକାମିରେ ପଡିପାରନ୍ତି , ବିବାଦରେ ପଶନ୍ତୁ ନାହିଁ, ଶୁଭଖବର ପ୍ରାପ୍ତି ॥

**ମକର:** ସହକର୍ମୀଙ୍କ ସୌଜନ୍ୟତା, ପ୍ରଶାସନିକ ତତ୍ପରତା, ରାଜନୈତିକ ବିବାଦ, କଚେରୀ ମାମଲାରୁ ଦୁଶ୍ଚିନ୍ତା, କଳାରୁ ସମ୍ମାନ, ଅପମାନିତ ହୋଇପାରନ୍ତି,ବିଗତ ଘଟଣାରୁ ବ୍ୟସ୍ତତା, ସମ୍ପର୍କ ତୁଟିଯିବ, ବିଦେଶଯାତ୍ରାର ସୁଯୋଗ ॥

**କୁମ୍ଭ:** ବନ୍ଧୁମିଳନରୁ ଆନନ୍ଦ, ଲେଖାପଢାରେ କୁଶଳ, ପ୍ରକାଶନରେ ବିଳମ୍ବ, ନୂତନ କାର୍ଯ୍ୟାରମ୍ଭରେ ଝଗଡା, ସମ୍ପର୍କୀୟଙ୍କ ସହ ମିତ୍ରତା, ପରିବହନରେ ମିତ୍ରତା, ଗବେଷଣାରେ ଅଗ୍ରଗତି,ପରୋକ୍ଷ ଶତ୍ରୁତା ॥

**ମୀନ:** ନୂତନ ଯୋଜନାରମ୍ଭ, ଅର୍ଥପ୍ରାପ୍ତିରେ ବାଧା, କଳାପ୍ରିୟ ହେବେ, ପ୍ରତ୍ୟୁଷ ଯାତ୍ରାରେ ସଫଳତା, ଯାନବାହନରେ ତ୍ରୁଟି, ନିର୍ମାଣର ପୂର୍ଣ୍ଣତା, ଋଣ ପରିଶୋଧ, ଉପରିସ୍ଥଙ୍କ ଅନୁକମ୍ପା, ବିଦେଶଯାତ୍ରାର ସୁଯୋଗ ॥

## ଫୁର୍ତ୍ତି ରହିବେ କିପରି

ଯେ କୌଣସି କାମ ହେଉନା କାହିଁକି, ତାକୁ କରିବା ପାଇଁ ଯଦି ଆପଣ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସବୁବେଳେ ପ୍ରସ୍ତୁତ ରହୁଛନ୍ତି, ତା’ହେଲେ ତାକୁ ହିଁ କୁହାଯାଇଥାଏ ଫୁର୍ତ୍ତି ବା ଆକ୍ଟିଭ୍‌ନେସ୍। ଯେଉଁ ବ୍ୟକ୍ତି ଜୀବନରେ ଯେତେ ଫୁର୍ତ୍ତି ଥାନ୍ତି, ତାଙ୍କୁ ସଫଳତା ସେହି ମାତ୍ରାରେ ହିଁ ମିଳିଥାଏ। ତେଣିକି ସେ ପାଠପଢ଼ା ହେଉ ଅବା ଖେଳକୁଦ କିମ୍ବା କ୍ୟାରିୟର। ତେବେ ଏହି ଫୁର୍ତ୍ତିପଣକୁ ବଢ଼ାଇବା ପାଇଁ ସେମିତି କିଛି ବଡ଼ କାମ କରିବା ଆବଶ୍ୟକ ନାହିଁ। ବାସ୍ କେତୋଟି ସହଜ ଉପାୟ ଆପଣେଇ ମଧ୍ୟ ନିଜକୁ ଫିଟ୍ ରଖିବା ସହ ମନ ଭିତରେ ଆକ୍ଟିଭ୍‌ନେସ୍‌କୁ ବଢ଼ାଯାଇପାରିବ। ଯେମିତି କି ଠିକ୍ ସମୟରେ ଭୋଜନ କରିବା ସହ ପର୍ଯ୍ୟାପ୍ତ ପାଣି ପିଇବେ। ରାତିରେ ଅନ୍ତତଃ ୮ ଘଣ୍ଟା ଶୋଇବେ। ପ୍ରତିଦିନ ବ୍ୟାୟାମ କଲେ ମଧ୍ୟ ଶରୀର ଫୁର୍ତ୍ତି ରହିଥାଏ। କାରଣ ଏହାଦ୍ୱାରା ଶରୀରରେ ଥିବା ଚର୍ବି ଅଂଶ କମିବା ସହ ରକ୍ତ ସଞ୍ଚାଳନ ଠିକ୍‌ରେ ହୋଇଥାଏ। ଆବଶ୍ୟକ ହେଲେ କିଛି ସମୟ ଆଉଟ୍‌ଡୋର୍ ଗେମ୍ ବି ଖେଳିପାରିବେ, ଏହା ବି



ମସ୍ତିଷ୍କ ଉପରେ ଭଲ ପ୍ରଭାବ ପକାଇଥାଏ। ଏଥିସହିତ ନିଶାସେବନଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖିବା ସହ ଚିନ୍ତାମୁକ୍ତ ରହିଲେ ଶାରୀରିକ ଓ ମାନସିକ ସ୍ତରରେ ଆପଣ ସେତେ ଦୃଢ଼ ହୋଇପାରିବେ ଆଉ ଫୁର୍ତ୍ତି ଅନୁଭବ କରିପାରିବେ।

## ପାଠକୀୟ

* ଦେଶ ସ୍ୱାଧୀନ ହେବ। ଏହି ସମୟକୁ ଅପେକ୍ଷା କରି ରହିଥିଲେ ସମଗ୍ର ଦେଶର ଆବାଳବୃଦ୍ଧବନିତା। ଦେଶ ସ୍ୱାଧୀନ ହେଲା। ଖେଳିଗଲା ଖୁସିର ଲହରି। ଆଉ ସେବେଠାରୁ ଏପର୍ଯ୍ୟନ୍ତ ଅନେକ ଲୋକ ସ୍ୱାଧୀନତା ଦିବସର ସ୍ମୃତିକୁ ମନେ ପକାଇ ନିଜସ୍ୱ ଢଙ୍ଗରେ ସ୍ୱାଧୀନତା ଦିବସକୁ ଏକ ଉତ୍ସବ ଆକାରରେ ପାଳନ କରୁଛନ୍ତି। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ ‘ଉତ୍ସବ ସ୍ୱାଧୀନତାର’ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ‘ବାସ୍ତୁ ଦୋଷ କିପରି କରିବେ ଠିକ୍’, ‘ଭାବନା ବି ରୋଗର କାରଣ’ ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

*–ଅମରେଶ ମହାନ୍ତି, ସେକ୍ଟର-୧, ରାଉରକେଲା*

* ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ‘ଉତ୍ସବ ସ୍ୱାଧୀନତାର’ ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ସେହିପରି ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ ‘ଟ୍ରାଇ କଲର୍ ଥିମ୍‌ରେ ସଜାନ୍ତୁ ଘର’ ବିଷୟରୁ ଅନେକ ସୁନ୍ଦର ସୁନ୍ଦର ଟିପ୍ସମାନ ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଫଟୋଗ୍ରାଫର ପ୍ରଫୁଲ୍ଲ ଚନ୍ଦ୍ର ଧୀରଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*–ଗୁରୁ ପ୍ରସାଦ ଦାଶ, ପଳାଶୁଣୀ, ଭୁବନେଶ୍ୱର*

*ସୃଜନ ପୃଷ୍ଠାରେ ସ୍ଥାନିତ ‘ସ୍ୱାଧୀନତାର ଆନନ୍ଦ’ ନାମକ ଗପଟି ପଢିଲି, ଖୁବ୍ ସୁନ୍ଦର ଥିଲା ଏହାର ଉପସ୍ଥାପନା ଶୈଳୀ। ‘ଦେଶ: ଏକ ବିରୋଧାଭାସ’ ଏବଂ ‘ସମର୍ପଣ’ ନାମକ କବିତା ଦୁଇଟି ବି ବହୁତ ମର୍ମସ୍ପର୍ଶୀ ହୋଇପାରିଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ଏଥିରେ ସ୍ଥାନିତ କିଆରା ଆଡୱାନୀଙ୍କ ଫଟୋଟି ଅତି ସୁନ୍ଦର ହୋଇଥିଲା। କୃଷି ବିଶେଷଜ୍ଞ ଓ ଲେଖକ ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ହୃଦୟସ୍ପର୍ଶୀ ଥିଲା।

*–ତନ୍ମୟ ରାଉତ, ସୁନାବେଡ଼ା*

* ସାଥୀର ଉତ୍ତର ରୋମାଣ୍ଟିକ୍ ଲାଗୁଥିଲା। ବିକି ରାୟ ଜରିଗୋଟାଳିରୁ ଅନ୍ତର୍ଜାତୀୟ ଫଟୋଗ୍ରାଫର କିପରି ହେଲେ, ସେ ବିଷୟରେ ଛୁଟିଦିନରୁ ତାଙ୍କର ସଂଘର୍ଷମୟ କାହାଣୀ ପଢି ଅନେକ ପ୍ରେରଣା ମିଳିଲା। କ୍ୟାମେରା ସମ୍ପର୍କରେ ବି ଅନେକ ରୋଚକ କଥା ଜାଣି ଖୁସି ଲାଗିଲା। ମଡେଲ୍ ମିରର୍‌ରେ ସୂର୍ଯ୍ୟମୟୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ମଜାଦାର୍ ଥିଲା। ସହର ପୃଷ୍ଠାରୁ କେତେଗୁଡ଼ିଏ ଆଦର୍ଶ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଜାଣିହେଲା।

*– ଭବାନୀ ପ୍ରସାଦ ସାହୁ, ପାଣିକୋଇଲି, ଯାଜପୁର*

## ବିଶେଷ ଚିଠି




ଉତ୍ସବ ସ୍ୱାଧୀନତାର
ଥିଲା ବେଶ୍ ନିଆରା,
ଏଥିରୁ ଜାଣିହେଲା
କେତେ କଥା ଦୁନିଆର।
ତା’ସାଙ୍ଗକୁ ପୁଣି ସୃଜନ ଓ ସିନେମା
ମନେ ଲଗାଇଲା ସିଏ ଅଲିଭା ନିଆଁ,
ଗପରେ ଭରିଥିଲା ପ୍ରେମର ଋତୁ
ଛୁଟିଦିନ ତୁମକୁ ଭଗବାନ ସଦୟ ହୁଅନ୍ତୁ।

**–ମାନିନୀ ସ୍ୱାଇଁ,**
**ରାଣୀହାଟ, କଟକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଗଣେଶ ପୂଜାରେ..



ପୂଜାପାର୍ବଣ ସମୟରେ ଆକର୍ଷଣୀୟ ଲୁକ୍ ପାଇବାକୁ ସମସ୍ତଙ୍କର ଇଚ୍ଛା ଥାଏ। ତେବେ ଏଥିପାଇଁ କିଛି ସିମ୍ପଲ ଟିପ୍ସ ଆପଣେଇଲେ ଫେଷ୍ଟିଭ୍ ଲୁକ୍ ପାଇପାରିବେ...



**✲ ଶାଢ଼ି :** ଅଲ୍ ଟାଇମ୍ ସୋବର୍ ଲୁକ୍ ଦେଇଥାଏ ଶାଢ଼ି। ତେଣିକି ସେ ପାର୍ବଣ ଋତୁ ହେଉ ଅବା ବାହାଘର, ବ୍ରତଘରର ଅଥବା କୌଣସି ପାର୍ଟି, ଫଙ୍କଶନ୍‌ର ଆୟୋଜନ ହେଉ, ଶାଢ଼ିକୁ ଟିକେ ଭିନ୍ନ ଭିନ୍ନ ଷ୍ଟାଇଲ୍‌ରେ ପିନ୍ଧିଦେଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ। ତେଣୁ ଗଣେଶ ପୂଜା ଭଳି ବିଶେଷ ଅବସରରେ ମଧ୍ୟ ଯୁବତୀ ଚାହିଁଲେ ଶାଢ଼ି ସାଙ୍ଗକୁ ଡିଜାଇନ୍‌ର ବ୍ଲାଉଜ୍ ପିନ୍ଧି ନିଜକୁ ସୁନ୍ଦର ଲୁକ୍ ଦେଇପାରିବେ।

**✲ ସାଲୱାର୍ କମିଜ୍:** ଶାଢ଼ି ପରି ସାଲୱାର୍ କମିଜ୍ ବି ଯୁବତୀଙ୍କୁ ସୋବର୍ ଲୁକ୍ ଦେଇଥାଏ। ପୂଜାପର୍ବ ସମୟରେ ଯେଉଁମାନଙ୍କର ସାଲୱାର୍ କମିଜ୍ ପିନ୍ଧିବା ପସନ୍ଦ, ସେମାନେ ଚାହିଁଲେ ହାଲ୍‌କା ଗୋଲାପୀ, ହାଲ୍‌କା ସୁନେଲି କିମ୍ବା ଧଳା ଓ ନାଲିରଙ୍ଗର କମ୍ବିନେଶନବାଲା ସାଲୱାର୍ କମିଜ୍ ପିନ୍ଧି ନିଜକୁ ଟିକେ ଭିନ୍ନ ଲୁକ୍ ଦେଇପାରିବେ।

**✲ ବାନ୍ଧେନୀ ଦୁପଟ୍ଟା:** ବାନ୍ଧେନୀ ଦୁପଟ୍ଟା ଦେଖିବାକୁ ଯେମିତି ସୁନ୍ଦର ଲାଗିଥାଏ, ଏହାକୁ କୁର୍ତ୍ତି ଉପରେ ପକାଇ ମଧ୍ୟ ଆକର୍ଷଣୀୟ ଲୁକ୍ ପାଇହୁଏ। ମୁଖ୍ୟତଃ ଏହି ଦୁପଟ୍ଟାକୁ ଦେହରେ ପକାଇ ସହଜରେ ଫେଷ୍ଟିଭ୍ ଲୁକ୍ ପାଇହୁଏ। ବିଶେଷକରି ପ୍ଲେନ୍ ସୁଟ୍ ଉପରେ ଏହି ଦୁପଟ୍ଟା ପକାଇଲେ ଲୁକ୍ ଅଧିକ ସୁନ୍ଦର ଲାଗିଥାଏ।

**✲ କ୍ରପ୍ ଟପ୍ ଓ ଲେହେଙ୍ଗା:** ଅଧିକାଂଶ ଯୁବତୀ ଜିନ୍ସ ସହିତ କ୍ରପ୍ ଟପ୍ ପିନ୍ଧିବାକୁ ଖୁବ୍ ପସନ୍ଦ କରିଥାନ୍ତି। କିନ୍ତୁ ଗଣେଶ ପୂଜା ଭଳି ଅବସରରେ ଜିନ୍ସ ପରିବର୍ତ୍ତେ ଯଦି ଲେହେଙ୍ଗା କିମ୍ବା ଲଙ୍ଗ୍ ସ୍କର୍ଟ ସହ ମ୍ୟାଚିଂ କ୍ରପ୍ ଟପ୍ସକୁ ପେୟାର୍ କରାଯାଏ ତା'ହେଲେ ବି ଗର୍ଜିୟସ୍ ଲୁକ୍ ମିଳିଥାଏ।

**✲ ଧୋତି ପ୍ୟାଣ୍ଟ ସହ ଶର୍ଟ କୁର୍ତ୍ତି:** ଗଣେଶ ପୂଜା ଅବସରରେ ଯଦି ଯୁବତୀମାନେ ଷ୍ଟାଇଲିଶ୍ ଲୁକ୍ ଚାହୁଁଥାନ୍ତି, ତା'ହେଲେ ତାଙ୍କ ପାଇଁ ଧୋତି ପ୍ୟାଣ୍ଟ ସହ ଶର୍ଟ କୁର୍ତ୍ତି ଏକ ଭଲ ଅପ୍ସନ ହୋଇପାରିବ। ଏହା ସେମାନଙ୍କୁ ଏକଦମ୍ ଡିଫରେଣ୍ଟ ଲୁକ୍ ପ୍ରଦାନ କରିବ।



**✲ ଶରାରା ସୁଟ୍:** ଏହା ହେଉଛି ଏକପ୍ରକାର ଭର୍ସାଟାଇଲ୍ ଆଉଟ୍‌ଫିଟ୍। ଏହାକୁ ଟିକେ ମଡର୍ନ ଷ୍ଟାଇଲ୍‌ରେ କ୍ୟାରି କରି ପାର୍ଟି ଲୁକ୍ ପାଇହେବ। ନଚେତ୍ ଟିକେ ଟ୍ରାଡିଶନାଲ୍ ୱେରେ ପିନ୍ଧି ସୋବର୍ ଅଥବା ଫେଷ୍ଟିଭ୍ ଲୁକ୍ ପାଇପାରିବେ। ଶରାରା ସୁଟ୍ ସାଙ୍ଗରେ ଶର୍ଟ କୁର୍ତ୍ତି ଯେମିତି ସୁନ୍ଦର ଲାଗେ ସେମିତି ପେପଲମ୍ ଶର୍ଟ କୁର୍ତ୍ତି ମଧ୍ୟ ଭଲ ମ୍ୟାଚ୍ କରିଥାଏ। ପୂଜାପାର୍ବଣ ସମୟରେ ଯୁବତୀ ଚାହିଁଲେ ଏହା ଉପରେ ଜ୍ୟାକେଟ୍ ପିନ୍ଧି ମଧ୍ୟ ଟିକେ ଭିନ୍ନ ଲୁକ୍ ପାଇପାରିବେ।



### କିଛି ଜରୁରୀ ଟିପ୍ସ

-ପୂଜାପାର୍ବଣ ସମୟରେ ଡାର୍କ କଲର୍ ତୁଳନାରେ ଯଦି ବ୍ରାଇଟ୍ କଲର୍‌ର ପୋଷାକ ପିନ୍ଧାଯାଏ, ତା'ହେଲେ ଗର୍ଜିୟସ୍ ଲୁକ୍ ମିଳିଥାଏ।

-ସେହିପରି ପିଙ୍କ୍ କିମ୍ବା ପିଚ୍ କଲର୍‌ର ହାଲ୍‌କା ଶେଡ୍ସବାଲା ପୋଷାକ ସାଙ୍ଗକୁ ଯଦି ସିଲ୍‌ଭର ଅଥବା ପର୍ଲର ଜୁଏଲେରିକୁ ମ୍ୟାଚିଂ କରି ପିନ୍ଧାଯାଏ, ତା'ହେଲେ ଗଣେଶ ପୂଜାରେ ଯୁବତୀଙ୍କୁ ଟିକେ ଭିନ୍ନ ଲୁକ୍ ମିଳିଥାଏ।

-ଆଜିକାଲି ନ୍ୟୁଡ୍ କଲର୍ସର ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ତେଣୁ ଯୁବତୀ ଚାହିଁଲେ ଏହି ଫେଷ୍ଟିଭ୍ ସିଜନ୍‌ରେ ହାଲ୍‌କା ଜୁଏଲେରି ସହିତ ନ୍ୟୁଡ୍ ପିଙ୍କ୍ ମେକ୍‌ଅପ୍ ନେଇ ନିଜକୁ ଆକର୍ଷଣୀୟ ଲୁକ୍ ଦେଇପାରିବେ।





# ଅବହେଳିତ କ୍ରୀଡ଼ାବିତ୍



କୃଷ୍ଣଚନ୍ଦ୍ର

ଏମାନେ କ୍ରୀଡାବିତ। ଦେଶ ପାଇଁ ଖେଳିବା ଆଉ ଗୌରବ ଆଣିବା ଏମାନଙ୍କର ଲକ୍ଷ୍ୟ। ଏହି ଲକ୍ଷ୍ୟ ପାଇଁ ସେମାନେ ଦିନରାତି ଏକ କରି ଦିଅନ୍ତି। ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସହ ଲଢି ଏମାନେ ଦେଶ ତଥା ରାଜ୍ୟର ଗୌରବ ପାଲଟନ୍ତି। କିନ୍ତୁ ଉଭୟ ରାଜ୍ୟ ଓ ଦେଶ ପାଇଁ ଗୌରବ ପାଲଟୁଥିବା ଏଇ କ୍ରୀଡାବିତଙ୍କ କଥା ଅନେକ ସମୟରେ ଭୁଲି ଯାଏ ସେ ପ୍ରତିନିଧିତ୍ୱ କରୁଥିବା ରାଜ୍ୟ। ଅବହେଳାର ଶିକାର ହୋଇ ଏହି କ୍ରୀଡାବିତମାନେ ପରିବାର ପ୍ରତିପୋଷଣ ପାଇଁ ଆଦରି ନିଅନ୍ତି ସିନା ଭିନ୍ନ ପେସା। କିନ୍ତୁ ତାଙ୍କ ଆତ୍ମା ରହିଥାଏ ଯେମିତି କ୍ରୀଡାରେ। ଏପରି କେତେଜଣ କ୍ରୀଡାବିତଙ୍କ କଥା ଏଥରର ପ୍ରଚ୍ଛଦରେ...

**ଶକ୍ତି ଉତ୍ତୋଳନକାରୀ ଏବେ ଫାଷ୍ଟଫୁଡ୍ ଦୋକାନୀ :** ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ ପିତ୍ତଳ ପଞ୍ଚାୟତ ନରେନ୍ଦ୍ରପୁର ଗ୍ରାମର ଗଦାଧର ସାହୁ ଜଣେ ଭିନ୍ନକ୍ଷମ କ୍ରୀଡ଼ାବିତ୍। ଗଦାଧର ସୁନ୍ଦର ସ୍ୱାସ୍ଥ୍ୟ ସହ ଶକ୍ତି ଉତ୍ତୋଳନ କ୍ଷେତ୍ରରେ ନିଜ କ୍ରୀଡ଼ା ଦକ୍ଷତାର ପରିଚୟ ଦେଇଛନ୍ତି। ଦୀର୍ଘ ୪ ବର୍ଷ ଧରି ବିଭିନ୍ନ ସ୍ଥାନରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗନେଇ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସେ କୁହନ୍ତି, ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ରେଳ ଦୁର୍ଘଟଣାର ଶିକାର ହୋଇ ଗୁଜରାଟର ସୁରଟରେ ନିଜର ଦୁଇ ଗୋଡ଼ ହରାଇଲି। ତାପରେ ରାମଚନ୍ଦ୍ରପୁର ହାଇସ୍କୁଲରୁ ଦଶମ ପାସ୍ କରିବା ପରେ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟରୁ ଯୁକ୍ତ ୨ ଓ ଯୁକ୍ତ ୩ କଳାରେ ସ୍ନାତକ କଲି। ବିଗତ ଏକ ବର୍ଷ ଧରି ଶକ୍ତି ଉତ୍ତୋଳନ କ୍ଷେତ୍ରରେ ସକ୍ରିୟ ରହିଛି । ୨୦୧୬ରୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗୀ ଭାବେ ୫୫କେଜି ବର୍ଗରେ ହ୍ୱିଲ ଚେୟାର ଚ୍ୟାଲେଞ୍ଜରେ ପ୍ରଥମ ସ୍ଥାନ ଅଧିକାର କରିଥିଲି। ଏହାପରେ ୨୦୧୯-୨୦ରେ 'ଗଂଜାମ ଶ୍ରୀ' ଭାବେ ପୁରସ୍କୃତ ହୋଇଛି। ୨୦୨୧ରୁ ବର୍ତ୍ତମାନ ସୁଦ୍ଧା ଶକ୍ତି ଉତ୍ତୋଳନ କ୍ଷେତ୍ରରେ ସକ୍ରିୟ ଥିବାବେଳେ ଇତିମଧ୍ୟରେ ଜୁନ ମାସରେ କୋଲ୍‌କାତାରେ ଅନୁଷ୍ଠିତ ହୋଇଥିବା ଇଷ୍ଟ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହାପରେ ୨୦୨୨ ଭୁବନେଶ୍ୱରର ମଞ୍ଚେଶ୍ୱରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାର ୫୫ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ପ୍ରଥମ ସ୍ଥାନ ହାସଲ କରିସାରିଛି। ଆସନ୍ତା ସେପ୍ଟେମ୍ବର ୨୨ରେ ଦିଲ୍ଲୀରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିବା ନିମନ୍ତେ ମନୋନୀତ ହୋଇପାରିଛି। ବର୍ତ୍ତମାନ ମୋର ବୟସ ୩୦ ବର୍ଷ। ଜଣେ କ୍ରୀଡ଼ାବିତ୍ ହୋଇଥିଲେ ସୁଦ୍ଧା ଏଯାବତ୍ ମୋତେ ସରକାରୀ ସୂତ୍ରରୁ କିମ୍ବା କ୍ରୀଡ଼ା ବିଭାଗ ପକ୍ଷରୁ କୌଣସି ପ୍ରକାର ବିଶେଷ ସୁବିଧା ଓ ସହାୟତା ମିଳିନାହିଁ। ଯେଉଁଥିପାଇଁ ବଡ଼ଭାଇଙ୍କ ସହ ମିଶି ଗାଁରେ ଏକ ଛୋଟିଆ ଫାଷ୍ଟଫୁଡ୍ ସେଣ୍ଟର ଖୋଲି ରୋଜଗାର କରୁଛି। ଏଥିରୁ ଯାହା ଉପାର୍ଜନ ହେଉଛି ସେଇଥିରେ ହିଁ ପରିବାର ଚାଲୁଛି । ଆଗାମୀ ଦିନରେ ପାରା ଅଲିମ୍ପିକର ଶକ୍ତି ଉତ୍ତୋଳନରେ ବିଶ୍ୱ ସ୍ତରରେ ଭାରତକୁ ପ୍ରତିନିଧିତ୍ୱ କରିବି ବୋଲି ଚେଷ୍ଟା ଜାରି ରହିଛି।'

**ଏବେ କେବଳ ସାଙ୍ଗମାନେ ଭରସା:** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରୁ ଚଳିତ ବର୍ଷ ଯୁକ୍ତ ୩ କଳା ଆନ୍ଥ୍ରୋପୋଲୋଜି ସମ୍ମାନରେ ପାସ୍ କରିଥିବା କୃଷ୍ଣଚନ୍ଦ୍ର ଆଚାରୀଙ୍କ ଲକ୍ଷ୍ୟ ଅଲିମ୍ପିକ। କୃଷ୍ଣ ୨୦ କିମି ଓ ୩୦ କିମି ରେସ୍‌ୱାକ କ୍ଷେତ୍ରରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ବହୁ ପଦକ ହାସଲ କରିଛନ୍ତି। କୃଷ୍ଣ ସାଙ୍ଗସାଥିଙ୍କ ଗହଣରେ କ୍ରୀସ୍ ଭାବେ ପରିଚିତ। ବ୍ରହ୍ମପୁର ନିବାସୀ ଁ ଉଦୟନାଥ ଆଚାରୀଙ୍କ ୫ ପୁଅ ଝିଅଙ୍କ ମଧ୍ୟରେ ଦ୍ୱିତୀୟ ହେଉଛନ୍ତି କ୍ରୀସ୍। ସେ କୁହନ୍ତି, 'ବାପା ଯିବାପରେ ଘର ସମ୍ଭାଳିବା ଦାୟିତ୍ୱ ସହ ପାଠପଢ଼ା ଓ ନିଜର କ୍ରୀଡ଼ା ପ୍ରତି ଥିବା ରୁଚି ଉଭୟକୁ ସମୟ ଦେଇ ଚାଲିଛି। କିନ୍ତୁ ନିଜ କ୍ରୀଡ଼ାଭ୍ୟାସରୁ କେବେ ମଧ୍ୟ ବିଚ୍ୟୁତ ହୋଇନାହିଁ। ଯୁକ୍ତ ୨ ପ୍ରଥମ ବର୍ଷ ପଢ଼ା ସମୟରୁ ଏହି କ୍ରୀଡ଼ାରେ ସକ୍ରିୟ ରହିଛି। ଏହାସହ କଲେଜ ଏନ୍‌ସିସିର ମଧ୍ୟ ଜଣେ ସକ୍ରିୟ କ୍ୟାଡେଟ୍। ୨୦୧୮ରେ ଅନୁଷ୍ଠିତ ଗଂଜାମ ଜିଲାସ୍ତରୀୟ ଆଥଲେଟ ମିଟ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲି। ୨୦୧୯ ରାଜ୍ୟସ୍ତରୀୟ ଆଥ୍‌ଲେଟ ମିଟ୍‌ରେ ସ୍ୱର୍ଣ୍ଣ, ସେହି ବର୍ଷ ରାଞ୍ଚିର ଖେଲଗାଓଁ ଠାରେ ଅନୁଷ୍ଠିତ ଇଷ୍ଟ ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ୨୦୨୦ରେ ଅଲ ଇଣ୍ଡିଆ ଇଣ୍ଟର ୟୁନିଭର୍‌ସିଟିସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରି ଶ୍ରେଷ୍ଠ ୧୨ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇଥିଲି। ତା'ପରେ ବ୍ରହ୍ମପୁରର ଏକ ଘରୋଇ କମ୍ପାନୀରେ ସ୍ୱଳ୍ପ ବେତନରେ କାମ କରୁଥିଲି। ହେଲେ ପରବର୍ତ୍ତୀ ସମୟରେ ଏହି ଚାକିରି ବି ରହିଲା ନାହିଁ। ବର୍ତ୍ତମାନ କେବଳ ସାଙ୍ଗମାନେ ହିଁ ଭରସା। ତାଙ୍କରି ସହାୟତାରେ ବେଙ୍ଗାଲୁରୁର ଇଣ୍ଡିଆନ ଆଥ୍‌ଲେଟିକ କ୍ୟାମ୍ପରେ ରହି କ୍ରୀଡ଼ା ପ୍ରଶିକ୍ଷଣରେ ନୂତନ ଜ୍ଞାନ କୌଶଳ ଶିକ୍ଷା ପାଇଁ ଚେଷ୍ଟା ଜାରି ରଖିଛି। ବ୍ରହ୍ମପୁର ସହରରେ ନିୟମିତ ଭାବେ କୋଚ୍ ସୁରେନ୍ଦ୍ର ପଟ୍ଟନାୟକଙ୍କଠାରୁ ତାଲିମ ଗ୍ରହଣ କରିବା ସହ ଇଞ୍ଜିନିୟରିଂ ସ୍କୁଲ ଷ୍ଟାଡିୟମରେ ଅଭ୍ୟାସ କରୁଛି। ଏହାବାଦ ପିଜି ପାଠ୍ୟକ୍ରମ ଲାଗି କୌଣସି ମହାବିଦ୍ୟାଳୟ କିମ୍ବା ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବାକୁ ଆଗ୍ରହୀ ଅଛି। ଆଉ ଆଗାମୀ ଦିନରେ କ୍ରୀଡ଼ା ମନ୍ତ୍ରଣାଳୟର ସହଯୋଗ ମିଳିଲେ ନିଶ୍ଚିତ ଭାବେ ଅଲିମ୍ପିକ ପାଇଁ ଥିବା ସ୍ୱପ୍ନ ସାକାର ହୋଇପାରିବ ବୋଲି ଆଶାକରିଛି।'

**ଷ୍ଟିପଲ୍ ଚେଜ୍ ଖେଳାଳୀ ଏବେ ୱେଟର:** ଗଞ୍ଜାମଜିଲା ବ୍ରହ୍ମପୁର ସହରର ସୂର୍ଯ୍ୟ ଭେଙ୍କଟ। ତାଙ୍କୁ ବର୍ତ୍ତମାନ ୨୪ ବର୍ଷ । ଷ୍ଟିପଲ ଚେଜ୍ କ୍ରୀଡ଼ାରେ ସୂର୍ଯ୍ୟ ସହରର ଜଣେ ଉଦୀୟମାନ କ୍ରୀଡାବିତ୍। ତାଙ୍କ କୋଚ୍ ହେଲେ ସୁରେନ୍ଦ୍ର ପଟ୍ଟନାୟକ। ବର୍ତ୍ତମାନ ସୁଦ୍ଧା ଜାତୀୟ ଓ ଆନ୍ତଃ ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରି ଉଲ୍ଲେଖନୀୟ ସଫଳତା ହାସଲ କରିସାରିଛନ୍ତି। ସେ କୁହନ୍ତି, 'ଜଣେ ଗରିବ ପରିବାରରେ ଜନ୍ମ ହୋଇ ସୁଦ୍ଧା ନିଜର ପାଠପଢା ଓ କ୍ରୀଡା କ୍ଷେତ୍ରରେ ଆଗକୁ ବଢିବା ନିମନ୍ତେ ଅହରହ ଅଭ୍ୟାସ ଜାରି ରଖିଛି। ୨୦୧୭ରେ +୨ ପଢା ସମୟରୁ ୩୦୦୦ ମିଟର ଷ୍ଟିପଲ ଚେଜ୍ କ୍ରୀଡା ଖେଳୁଛି। ୨୦୧୭-୧୮ରେ ଗଞ୍ଜାମ ଜିଲାସ୍ତରୀୟ ଆଥଲେଟ ମିଟ୍‌ରେ ଅଂଶଗ୍ରହଣ କରି ପ୍ରଥମ ହୋଇଥିଲି। ୨୦୧୮ରେ କଟକ ବାରବାଟୀରେ ଅନୁଷ୍ଠିତ

→






ସୂର୍ଯ୍ୟ

ରାଜ୍ୟସ୍ତରୀୟ ଆଥଲେଟ ମିଟ୍‌ରେ ମଧ୍ୟ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ବିଜୟୀ ଲୋଭ କରିଥିଲି। ୨୦୧୯ରେ ଗୋପାଳପୁର ମହାବିଦ୍ୟାଳୟରେ +୩ ପଢିବା ବେଳେ ବାଙ୍ଗାଲୁରୁରେ ଅନୁଷ୍ଠିତ ଜାତୀୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟ ମିଟ୍‌ରେ ଶ୍ରେଷ୍ଠ ୫ ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିଲି। ୨୦୨୨ ଏପ୍ରିଲରେ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛି। ଏବେ ନିୟମିତ ଭାବେ ସହରର ୟୁନିୟନ କ୍ଲବରେ ୱେଟର ଭାବେ ପାର୍ଟଟାଇମ କାମ କରି ପରିବାରର ଭରଣପୋଷଣ କରୁଛି। ସରକାର ତଥା କ୍ରୀଡା ବିଭାଗ ପକ୍ଷରୁ ଉପଯୁକ୍ତ ସହାୟତା ମିଳି ପାରିଲେ ଆଗକୁ ଯାଇପାରିବି।

**ଅଭାବରେ ତିନି ଖୋ ଖୋ ଖେଳାଳୀ:** ବଲାଙ୍ଗୀର ଜିଲା ଅନ୍ତର୍ଗତ ଖାରବଲାଙ୍ଗୀର ଗ୍ରାମର ୩ ଜଣ ଝିଅ ଜାତୀୟ କ୍ରୀଡ଼ାରେ ବହୁବାର ଭାଗନେଇ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଦେଇଛନ୍ତି। ଖାରବଲାଙ୍ଗୀର ଗ୍ରାମର ବିଶ୍ୱାମିତ୍ର ମଲ୍ଲିକଙ୍କ ଦୁଇ ଝିଅ ଲକ୍ଷ୍ମୀ ଓ ସୁଜାତା ସ୍କୁଲ ଜୀବନରୁ ସଫଳ କ୍ରୀଡ଼ାବିତ୍ ଭାବେ ସୁନାମ ଅର୍ଜନ କରିଛନ୍ତି। ବୁଢେଲ ହାଇସ୍କୁଲରେ ପଢ଼ିଲାବେଳେ ଏହି ୨ ଭଉଣୀ ଲକ୍ଷ୍ମୀ ଓ ସୁଜାତା ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ଭାଗନେଇ ପଦକ ଜିତିଛନ୍ତି। ଲକ୍ଷ୍ମୀ ୨୦୧୧-୧୨ରେ ଜାତୀୟ ମହିଳା କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିଲେ। ବରିଷ୍ଠ ବର୍ଗରେ ଖୋ ଖୋ ଖେଳି ନିଜର କ୍ରୀଡ଼ା ଦକ୍ଷତା ପ୍ରତିପାଦିତ କରିଥିଲେ। ଏହାପରେ ୨୦୧୯ରେ ରାଜ୍ୟସ୍ତରୀୟ ଭଲିବଲ୍ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ପାଇଥିଲେ। ଲକ୍ଷ୍ମୀ କୁହନ୍ତି, '୨୦୧୩ରେ ମାଟ୍ରିକ୍ ପାସ୍ କରିବା ପରେ ବଲାଙ୍ଗୀର ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟରୁ ଯୁକ୍ତ ୨ ଓ ଯୁକ୍ତ ୩ ପାସ୍ କରିଥିଲି। ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ଭୁବନେଶ୍ୱରସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଶାରୀରିକ ଶିକ୍ଷାରେ ସ୍ନାତକ ଡିଗ୍ରୀ ହାସଲ କଲି। ମାତ୍ର ପରିବାରର ଅଭାବ, ଅନଟନ ଓ ଦାରିଦ୍ର୍ୟ ଯୋଗୁ କ୍ରୀଡ଼ାଠାରୁ ଦୂରେଇ ରହିଛି। ମୋ ବାପା ଜଣେ ଦିନମଜୁରିଆ। ମଜୁରି ଲାଗି ପରିବାର ପ୍ରତିପୋଷଣ କରିଥା'ନ୍ତି। ପରିବାର ପାଇଁ ମୁଁ ମଧ୍ୟ ମଜୁରି ଲାଗେ। ମାତ୍ର ମନରେ ଏବେ ବି କ୍ରୀଡ଼ା ପ୍ରତି ଆଗ୍ରହ ରହିଛି। ମୋ ଭଉଣୀ ସୁଜାତା ବି ଜଣେ ଅସାଧାରଣ କ୍ରୀଡ଼ାପ୍ରତିଭା। ସେ ସ୍କୁଲ ଓ କଲେଜ କ୍ୟାରିୟରରେ ୧୬ଥର ଜାତୀୟ ଓ ରାଜ୍ୟସ୍ତରରେ ଖୋ ଖୋ ପ୍ରତିଯୋଗିତାରେ ଭାଗ ନେଇ ସୁନାମ ଅର୍ଜନ କରିଛି। ସୁଜାତା ସ୍ନାତକୋତ୍ତର ଡିଗ୍ରୀ ପାଇଁ ଆଶା ରଖିଛି। ଅର୍ଥାଭାବ ଯୋଗୁ ତାହା ସମ୍ଭବ ହେଉନାହିଁ। ସେହିପରି ଖାରବଲାଙ୍ଗୀର ଗ୍ରାମର ସୁଦକ୍ଷ ଖୋ ଖୋ ଖେଳାଳି ସସ୍ମିତା ପାତ୍ର ୨୨ଥର ଜାତୀୟସ୍ତର ଖୋ ଖୋ ପ୍ରତିଯୋଗିତାରେ ଭାଗ ନେଇ ସୁନାମ ଅର୍ଜନ କରିଛନ୍ତି। ସେ କୁହନ୍ତି, ୨୦୧୪ ମସିହାରେ ବୁଢେଲ ହାଇସ୍କୁଲରୁ ମାଟ୍ରିକ୍ ପାସ୍ କଲି। ମାତ୍ର ସେବେଠାରୁ ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ଭାଗ ନେଇ ପଦକ ଜିତିଛି। ୨୦୨୦ରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲି । ମୋ ବାପା ଚନ୍ଦିଆ ପାତ୍ର ଜଣେ ଚାଷୀ। ଘର ଚଳିବାରେ ଘୋର ଅସୁବିଧା ରହିଛି। ମୁଁ ବି ଚାଷ କାମରେ ବାପାଙ୍କୁ ସାହାଯ୍ୟ କରୁଛି। ଏତେ ଅସୁବିଧା ସତ୍ତ୍ୱେ ଭୁବନେଶ୍ୱରସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ସ୍ନାତକ ଡିଗ୍ରୀ ହାସଲ କରିଛି। କିନ୍ତୁ ଅର୍ଥାଭାବରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିପାରୁନାହିଁ। ସରକାରୀ ପ୍ରୋତ୍ସାହନ ମିଳିଲେ ନିଶ୍ଚିତ ଭାବେ କିଛି କରି ଦେଖାଇବାର ଇଚ୍ଛା ରହିଛି।

**ରୋଜଗାର ଚିନ୍ତାରେ ଫୁଟବଲ୍ ଖେଳାଳୀ:** ବିଶେଷକରି ରାଜ୍ୟର ସୁନ୍ଦରଗଡ଼ ଜିଲାରୁ ଅନେକ କ୍ରୀଡାବିତ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ରାଜ୍ୟ ଓ ଦେଶ ପାଇଁ ସୁନାମ ଆଣିଛନ୍ତି। ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ରତନପୁର ଫଗୁଆପଡା ଗ୍ରାମର ମୁକେଶ ମିଞ୍ଜ୍ ଅନେକ ଜାତୀୟସ୍ତରର ଫୁଟ୍‌ବଲ ମ୍ୟାଚ୍ ଖେଳିଛନ୍ତି। ଫୁଟ୍‌ବଲ ଖେଳକୁ ଆପଣାଇଥିବା ମୁକେଶଙ୍କ ପାଇଁ ଏବେ ରୋଜଗାର ଚିନ୍ତା ଘାରିଛି। ସେ କୁହନ୍ତି, 'ମା'ବାପାଙ୍କ ୪ ପୁଅ ଝିଅ ମଧ୍ୟରେ ମୁଁ ସାନ। ଗାଁ ସ୍କୁଲରେ ପ୍ରାଥମିକ ଶିକ୍ଷା ପରେ ସପ୍ତମ ଶ୍ରେଣୀରେ ଫୁଟ୍‌ବଲରେ ସୁନ୍ଦରଗଡ଼ ରାଜ୍ୟ କ୍ରୀଡା ଛାତ୍ରାବାସ ପାଇଁ ୨୦୦୮ରେ ମନୋନୀତ ହୋଇଥିଲି। ଏଠାରେ ଫୁଟ୍‌ବଲ ଖେଳରେ ପ୍ରଶିକ୍ଷଣପ୍ରାପ୍ତ ସହ ୨୦୧୨ରେ କଟକ ସିନିୟର ରାଜ୍ୟ କ୍ରୀଡା ଛାତ୍ରାବାସରେ ରହି ପ୍ରଶିକ୍ଷକଙ୍କ ଦ୍ୱାରା ତାଲିମ ପାଇ ଜଣେ ଫୁଟବଲ ଖେଳାଳି ଭାବରେ କ୍ୟାରିୟର ଆରମ୍ଭ କରିଥିଲି। ସନ୍ତୋଷ ଟ୍ରଫି ଖେଳି ନିଜର କ୍ରୀଡ଼ା ନୈପୁଣ୍ୟତାକୁ ପ୍ରଦର୍ଶନ କରି ପରବର୍ତ୍ତୀ ସମୟରେ ଅନେକ ଜାତୀୟ ମ୍ୟାଚ୍ ଖେଳିଛି। ୨୦୧୭-୧୮ରେ ମୁମ୍ବାଇର ଓଏନ୍‌ଜିସି ପେଟ୍ରୋଲିୟମ କମ୍ପାନୀ ତରଫରୁ ଫୁଟବଲ ଖେଳାଳି ଭାବେ କିଛି ପାରିଶ୍ରମିକ ମିଳିଥିଲା। ହେଲେ ୨୦୨୧ରେ ମା'ଙ୍କ ଦେହାନ୍ତ ପରେ ମୁମ୍ବାଇ ଛାଡିବାକୁ ପଡିଥିଲା। ଏବେ ମୋତେ ବାପା ଓ ଆଈଙ୍କ କଥା ବୁଝିବାକୁ ପଡୁଛି। ତେବେ ଜାତୀୟସ୍ତରରେ ଅନେକ ସଫଳତା ହାସଲ କରିଥିବା ସତ୍ତ୍ୱେ ଏଯାଏ ମୋତେ କୌଣସି ନିଯୁକ୍ତି ମିଳିପାରିନାହିଁ।'

ରାଜ୍ୟ ହେଉ କି କେନ୍ଦ୍ର ସରକାର ଏଭଳି ଯୁବ ଖେଳାଳିଙ୍କୁ କୌଣସି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଦେଲେ ନିଶ୍ଚିତ ଭାବେ ଆଗକୁ ଯାଇପାରିବେ । ଏମାନଙ୍କ ବ୍ୟତୀତ ଆହୁରି ଅନେକ କ୍ରୀଡ଼ାବିତ୍ ଅଛନ୍ତି, ଯେଉଁମାନଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଓ ପ୍ରୋତ୍ସାହନ ମିଳିଲେ କ୍ରୀଡ଼ା ଜଗତରେ ଏମିତି ଅନେକ ନକ୍ଷତ୍ରଙ୍କ ଜ୍ୟୋତି ଆଲୋକିତ ହୋଇପାରବ।

**ତଥ୍ୟ -ତନୁଶ୍ରୀ ନାହାକ, ଜୟନାରାୟଣ ମେଣ୍ଟୁଲୀ, ବୀରେନ୍ଦ୍ର ଝାଙ୍କର**


ମୁକେଶ


ଲକ୍ଷ୍ମୀ


ସସ୍ମିତା


ସୁଜାତା


ଗଦାଧର

# ସୁଦର୍ଶନଙ୍କ ସଂଗ୍ରହାଳୟ









**ଏହା ଏମିତି ଏକ ସଂଗ୍ରହାଳୟ ଯେଉଁଠି କେବଳ ଦେଖିବାକୁ ପାଇବେ ଦେଶୀୟ ପଦ୍ଧତିରେ ତିଆରି ହୋଇଥିବା ନାନାପ୍ରକାରର କଂସା, ପିତ୍ତଳ ଓ ତମ୍ବାର ସାମଗ୍ରୀ...**

ସଂଗ୍ରହାଳୟ କେବଳ ଜ୍ଞାନର ଗନ୍ତାଘର କି ପାରମ୍ପରିକ ବିରଳ ସାମଗ୍ରୀର ସାଇତା ସମ୍ପଦ ନୁହେଁ ବରଂ ଏହାଦ୍ୱାରା ବହୁ ଜଣାଅଜଣା କଥା ଜାଣିହୁଏ। ଗବେଷଣା ପାଇଁ ସୂତ୍ର ମିଳେ। ଏମିତିରେ ଗାଁଗଣ୍ଡାରୁ ହଜିଯାଉଥିବା ବହୁ ପୁରାତନ ବିରଳ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଦେଖିବା ସହ ମନେପକାଇ ହେବ। ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ରହିଛି ଏକାଧିକ ସରକାରୀ ଓ ବେସରକାରୀ ସଂଗ୍ରହାଳୟ। ହେଲେ ଇଏ ଏମିତି ଏକ ସଂଗ୍ରହାଳୟ ଯେଉଁଠି କେବଳ ଦେଖିବାକୁ ପାଇବେ ଦେଶୀୟ ପଦ୍ଧତିରେ ତିଆରି ହୋଇଥିବା ନାନାପ୍ରକାରର କଂସା, ପିତ୍ତଳ ଓ ତମ୍ବାର ସାମଗ୍ରୀ। ଏହାର ପ୍ରତିଷ୍ଠାତା ସୁଦର୍ଶନ ସାହୁ ଶିକ୍ଷାରେ ଜଣେ କୃଷିବୈଜ୍ଞାନିକ, ମାତ୍ର ପେସାରେ ଜଣେ ବରିଷ୍ଠ ବ୍ୟାଙ୍କ ଅଧିକାରୀ। ଏହି ସଂଗ୍ରହାଳୟ ରହିଛି ଭୁବନେଶ୍ୱର ଜାଗମରା ଅଞ୍ଚଳର ତୁଳସୀବିହାର ଅନ୍ତର୍ଗତ ଜଗମୋହନ ନଗର ପ୍ଲଟ ନଂ.୧୦୮୪/୨୬୦୮। ସଂଗ୍ରହାଳୟର ନାଁ ହେଉଛି ଗୋପୀନାଥ ଧାତୁ ଗବେଷଣା ପ୍ରତିଷ୍ଠାନ। ଏହା ଭିତରେ ସାଇତି ରଖିଛନ୍ତି ପ୍ରାୟ ୪୫୦୦ରୁ ଊର୍ଦ୍ଧ୍ୱ



ବହୁ ପୁରାତନ ଓ ଦୁର୍ଲଭ କଂସାପିତଳ ସାମଗ୍ରୀ। ଆଦିମ ଜନଜାତିଙ୍କ ପ୍ରାୟ ୧୦୦୦ ପ୍ରକାରର କଳାକୃତି ସହ ଅଳଙ୍କାର, ଗୃହ ଉପକରଣ, ଖାଦ୍ୟରନ୍ଧା ପାତ୍ର ରହିଛି। ପ୍ରାୟ ୨ଶହ ବର୍ଷ ତଳର ବେଲଗୁଣ୍ଠାର ପିତଳମାଛ, ନଅଙ୍କ ଦୁର୍ଭିକ୍ଷ ସମୟରେ ମଠମାନଙ୍କରେ ଅନ୍ନଛତ୍ର ପାଇଁ ବ୍ୟବହୃତ ପିତଳହଣ୍ଡା, ହାଣ୍ଡି, ପଲଟା, ଧଡ଼ପ, କୁଜଙ୍ଗି, ଖୁଣ୍ଟୁଣି, ପରଷୁଣି, ପିଠାପାତିଆ, ହେମଦସ୍ତା, ଢାଳ, ଗ୍ଲାସ, ବାଲ୍ତି, ଗରା ଏଠାରେ ରହିଛି। ଏହାଛଡା



ପ୍ରାୟ ୩୫ପ୍ରକାରର ବାଦ୍ୟଯନ୍ତ୍ର,୧୪ ପ୍ରକାରର ଗୁଆକାତି, ୬୫ପ୍ରକାରର ସିନ୍ଦୂର ଫରୁଆ, ୪୫ରୁ ଊର୍ଦ୍ଧ୍ୱ ପୁରୁଣା ଗହଣାଗାଣ୍ଠି ଓ ଟଙ୍କା ରଖିବା ପେଡ଼ି, ୧୨୦ଟି ମାଛ, କଲରା, ଜହ୍ନି ଓ ନଡ଼ିଆ ଆକୃତିର ବାକ୍ସ, ରାଜା, ଜମିଦାର ବ୍ୟବହାର କରୁଥିବା ବିଭିନ୍ନ ସାପ, ବାଘ, ହାତୀ, ଘୋଡ଼ା, ସିଂହ, ମେଣ୍ଢା ଆଦି ପ୍ରାଣୀଙ୍କ ପିତଳ ମୁଣ୍ଡ ଥିବା ବଙ୍କୁଲିବାଡ଼ି। ପ୍ରାୟ୧୫ପ୍ରକାରର ପଖାଳକଂସା ମଧ୍ୟରେ (ହାତିପାଉଲିଆ, ଛାତିଫୁଲାଣିଆ, ଦୁଦୁରାଫୁଲିଆ, ଫାଶ, ପୋଚ, ପାଲେଟେରି, ମଣ୍ଡା, ଅଷ୍ଟାଭଙ୍ଗା ପଖାଳକଂସା, ମାଟିଆକେଳା ପଖାଳକଂସା, ମାଟ୍ରୁ, ଓଉଖମା, ଟଭାଥାଳିଆ, ରେକାବି, ଲହରୀ, ରକମ)ଇତ୍ୟାଦି। ସେହିପରି ୧୨୫ ପ୍ରକାର ଡିବିରି, ୪୫ପ୍ରକାରର କଂସା ଗିନା, ୨୦ପ୍ରକାରର ଥାଳି (କଞ୍ଚନ, ଟିପବସା, ଖଜାଥାଳି, ରକମ, ଲହରୀ, ବାଲେଟେରୀ, ରଙ୍ଗସରସିଆ, ଛେଚା, ଗେବୁଲ ଇତ୍ୟାଦି । ୧୬ ପ୍ରକାରର ଖଡ୍ଡୁ, ୨୩ପ୍ରକାର ଗ୍ଲାସ, ୨୫ପ୍ରକାରର ପିକଦାନୀ, ୨୪ପ୍ରକାର ପଶାକାଠି, ପିତଳ ଓ ଲୁହାର ଲେଖନୀ, ଢଣକୋଇଲା, ତୁମ୍ବା, ତାମ୍ବି, ମାଣ, ଅଧୁଲିଆ, ପାଛିଆ, ବୋଡ଼ା, ଅଡ଼ା, ସୋଲା, ପାଇ, ସେର, ପାଲାକାରଙ୍କ ଝାଞ୍ଜ, ଗିନି, ବଇଠିଗିନି, କରତାଳ । ହାତୀ, ଛେଳି, ମେଣ୍ଢା, ବିଲେଇ, ବୋଦା, ମଇଁଷି ଆଦିଙ୍କ ବେକର ଘଣ୍ଟି । ପ୍ରାୟ ୭୫ପ୍ରକାରର ଘାଗୁଡ଼ି, ୬ପ୍ରକାରର ଗାନ୍ଧିଜୀଙ୍କ ପିତଳମୂର୍ତ୍ତି, ୬ପ୍ରକାରର ଚାଉଳତ୍ରମ, ଓଜନମାପ ପାଇଁ ୬ପ୍ରକାରର ବିଶା(ମହଣ, ସେର, ଅଧସେର, ପଳ) ୨୫ଟି ନଉତି, ଗଉଣି, ମାଣ।୧୫ପ୍ରକାର ବାଜବନ୍ଧୁ (କହୁଣୀ ଉପରେ ପିନ୍ଧାଯାଏ), ୮ଟି ସାହାନାଇ, ଆଦିବାସୀଙ୍କ ମଦରନ୍ଧାର ତମ୍ବାପାତ୍ର ୨ଟି, ୨୦ଟି ଧନୁଶର, ଫାର୍ସା, ତମ୍ବାର ବାଳଚିପି ୨୦ଟି ଯାହା ଆଦୀବାସୀ ଜନଜାତିର), ଧରଣୀପେନୁ ପୂଜାଢାଳ ୬ଟି ରହିଛି। ପାଇକ ସ୍ମାରକୀ ଭାବେ ଦୁଇଟି ଢାଳ, ୪ଟି ଖଣ୍ଡା, ୬ଟି ଲାଠ ଶୀରସ୍ତ୍ରାଣ, ୮ପ୍ରକାର ମଶାଲ, ବୀରକାହାଳୀ ୪ଟି, ବିଜେକାହାଳୀ ୬ଟି, ଚାମର ୮ଟି, ବାଙ୍କଛୁରି ୪ଟି ରହିଛି। ଏସବୁ ସଂଗ୍ରହ ସମ୍ପର୍କରେ ସେ କୁହନ୍ତି, ଆମଘର ନୟାଗଡ଼ ଜିଲାର କଣ୍ଟିଲୋରେ। ପିତା ଗୋପୀନାଥ ସାହୁ ମା' ଚମ୍ପା ଦେଈ। ଆମ ପରିବାର କୌଳିକବୃତ୍ତି ଥିଲା କଂସାପିତଳ କଳାକୃତି ନିର୍ମାଣ। ପିଲାଟି ଦିନରୁ ବିଭିନ୍ନ କଂସାପିତଳର ପୁରୁଣାସାମଗ୍ରୀକୁ ଦେଖିଲେ ଖୁସୀ ହୋଇପଡୁଥିଲି। ଏମିତିରେ ୧୯୯୦ ମସିହାରୁ ମୁଁ ଏହି ନିଶାରେ ପଡ଼ିଯାଇଥିଲି। ସେବେଠାରୁ ବିଭିନ୍ନ ପୁରାତନ କଂସାପିତଳ ଓ ତମ୍ବାର ନାନାପ୍ରକାର ସାମଗ୍ରୀକୁ ସାଇତି ରଖିବା ସହିତ ବିଭିନ୍ନ ସ୍ଥାନରୁ ଅନେକ ପ୍ରକାର ପୁରାତନ କଂସାପିତଳ ସାମଗ୍ରୀକୁ ସଂଗ୍ରହ କରିବା ପ୍ରୟାସ ଚାଲୁ ରଖିଛି। ଗୋପୀନାଥ ଧାତୁ ଗବେଷଣା ପ୍ରତିଷ୍ଠାନ ଗଠନ କରିଛି। ଏଥିପାଇଁ ଅନେକ ସମୟ ଦେବାକୁ ପଡ଼ିଛି । ଅର୍ଥ ବି ଖର୍ଚ୍ଚ ହେଉଛି। ତେବେ କଂସାପିତଳ ଓ ତମ୍ବା ପାତ୍ରରେ ଖାଦ୍ୟ ବ୍ୟବହାର କଲେ ଶରୀର ସୁସ୍ଥ ରହୁଥିବାରୁ ଆଜିକାଲି ଲୋକଙ୍କ ଭିତରେ ଏହାର ଚାହିଦା ଅଧିକ ବଢିଯାଇଛି। ଏହାବାଦ୍ ଏସବୁ ଜିନିଷ ପ୍ରାୟତଃ ଲୋପ ପାଇଯାଇଥିବାରୁ ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ଗବେଷକମାନେ ଆସିଥାନ୍ତି। ଲୋକମାନଙ୍କର ଏହି ଆଗ୍ରହ ମତେ ଅଧିକରୁ ଅଧିକ ସଂଗ୍ରହ ପାଇଁ ପ୍ରେରିତ କରୁଛି।

**-ବନବିହାରୀ ବେହେରା**







# ଭାରତ ମାତା

**-ନବଜ୍ୟୋତି ରାୟ**

ଆକୁମାରୀ ହିମାଚଳ ନା
ଅଟକରୁ କଟକ
କେଯାଏ ଏ ପରିବ୍ୟାପ୍ତ
ମୁଁ ଏସବୁ କିଛି ଜାଣେନା
ମୁଁ କେବଳ ଏତିକି ଜାଣେ
ଭୂଗୋଳର ନଥିପତ୍ରରେ ନଥିବା
ମୋ ଛୋଟ ଗାଁ
ଯେଉଁଠି ଅଛି ମୋ ଷଠିଘର
ଯେଉଁଠି କେବେ ବି ଜଳିବନି ମୋ ଚିତା
ସେ ଗାଁ ଏକ ବିରାଟ ମୌଳିକର ଅଂଶ
ଦମ୍ଭରେ ମୁଁ କହିପାରେ
ସେ ମୌଳିକର ନାଁ ଭାରତମାତା ।

*-ଜୟପୁର, କେନ୍ଦ୍ରାପଡା*
*ମୋ: ୯୪୩୭୩୧୫୨୩୦*

# ତୁ ଆଉ ମୁଁ

**-ବିପ୍ଳବ**

ତୁ ତାଲିବାନର
ରଡ ନିଆଁ ଆଖି
ମୁଁ ବୁର୍ଖା ତଳର ଲୁହ
ରାତିକର ସୁଖ
ତତେ ସିନା ଲୋଡ଼ା
ମୁଁ ଯୌନ ଦାସୀ ନୁହଁ ।

*-ମକୁନ୍ଦ ପୁର, ବାଙ୍କୀ*
*ମୋ : ୯୪୩୭୪୬୮୦୧୬*

# ବନ୍ୟା

**-ସୁଚିତ୍ରା ରଥ**

ନଈ ଖୁବ୍ ଅନ୍ତରଙ୍ଗ ଲାଗେ ବନ୍ୟାକୁ । ଛାତିର କୋହସବୁକୁ ଲୁହ କରି କେବେ ସେ ଭସେଇ ଦିଏ ନଈ କୋଳରେ ତ କେବେ ଅଭିମାନର ବାରୁଦଗୋଳାରେ ଅନ୍ତ ଚିରେ ନଈର । ନଈକୁ ଆଖିରେ ଧରି ସେ କାଟିସାରିଲାଣି ତାର ଉଆଁସୀ ତାରୁଣ୍ୟ । ତା' ଜନ୍ମ ବର୍ଷ ବଡ ବନ୍ୟା ଆସିଥିଲା ବୋଲି ବାପା ତାର ନାଁ ଦେଇଥିଲେ ବନ୍ୟା । ତା'ର ତଳମାଳ ଅଞ୍ଚଳରେ ଫି ସନ ବନ୍ୟା ଲେଖେ ନୂଆ ଦୁର୍ଦ୍ଦଶାର କାହାଣୀ । ମନେଅଛି, ସେ ପାଞ୍ଚ ବର୍ଷର ହୋଇଥାଏ । ଭାଇ ତା'ର ଜନ୍ମ ହେବାକୁ ଥାଏ। ବଢିପାଣି ହାବୁକା ମାରି ଘର ଭିତରେ ପଶିବା ଆରମ୍ଭ କରିଥାଏ । ବାପା ତାକୁ କାନ୍ଧରେ ବସେଇ ଦେଇ ହାତ ଧରି ବୋଉକୁ ବାଟ କଢେଇ ନେଉଥାନ୍ତି ସ୍କୁଲଘର ଆଡକୁ। ଜେଜେ ମା' ଟ୍ରଙ୍କ୍ ବାକ୍ସଟା ବୋହି ନେଉଥାଏ ଯଥେକଥେ। ବନ୍ୟା ଢୁଲୁଢୁଲୁ କରି ଚାହୁଁଥାଏ ଚତୁର୍ଦ୍ଦିଗର ଅକାତକାତ ପାଣିକୁ । ସେତିକିବେଳେ ଆରମ୍ଭ ହେଲା ମା'ର ଗର୍ଭ ଯନ୍ତ୍ରଣା । ଲୁଗାଟାଏ ଘେରି କରି ଜେଜେମା ପାଦ ଆଉଁସୁଥାଏ ପାଖରେ ବସି । ବେଶ୍ କିଛି ସମୟ ପରେ ବିରାଟ ଚିତ୍କାର ଶୁଭିଲା ମା'ର । ଆଉ ତା' ପରେ ଖୁବ୍ ନିରବତା । ମା କାଳେ ମଲା ପୁଅଟାଏ ଜନ୍ମ ଦେଇଥିଲା, ହେଲେ ସେଇଆଡୁ ଆତୁର ହୋଇ ରକ୍ତର ନଈଟେ ଯେମିତି ବୋହିଯାଉଥିଲା ବନ୍ୟାରେ ସାମିଲ ହେବାକୁ । ଖୋଲା ଆଖି କରି ନିଶ୍ଚଳ ଅବସ୍ଥାରେ ପଡି ରହିଥିଲା ମା' । ଆଉ ଶୁଣୁନଥିଲା ସେ ବନ୍ୟାର ନିରୀହ ଡାକ । ବାପା ଛ'ଖଣ୍ଡ କାଠର ଜୁଇ ଜାଳିବାକୁ ଶୁଖିଲା ଯାଗା ଠାଏ ପାଇଲେନାହିଁ ବୋଲି ବାଧରେ ପାଣି ସୁଅରେ ଭସେଇ ଦେଲେ ମା'କୁ । ଜଳକା ହୋଇ ଚାହିଁ ରହିଥିଲା ବନ୍ୟା । ମା'ର ଖୋଲା ଆଖି ହଳକ ଯେମିତି ତାକୁଇ ଚାହିଁ ରହିଥିଲା । ପୁଣି କେତେ ଲେଉଟେଇଲା ସମୟ । ବନ୍ୟାକୁ ଦଶବର୍ଷ ହେଲା । ସେହିଥର ରାତି ଅଧିଆ ମାଡି ଆସିଥିଲା ନଈପାଣି । ବାପାଙ୍କର ମେହେନତି ହାତ ପୁଣି ବୋହିଲା ବନ୍ୟାକୁ ଆଉ ବନ୍ୟା ବିକଳ ଅସହାୟମାନଙ୍କୁ। ସକାଳୁ ସକାଳୁ ସୁଅରେ ଭାସିଯାଉଥିଲା ରଘୁ ପ୍ରଧାନର ଦୁଧିଆଳି ଗାଈ । ତାକୁ ଉଦ୍ଧରିବା ପାଇଁ ବାପା ପହଁରି ପହଁରି ଆଗକୁ ମାଡି ଚାଲିଲେ, ହେଲେ ଆଉ ଫେରିଲେନି। ସବୁକାଳେ ବନ୍ୟା ଅପେକ୍ଷା କରେ, କାଳେ ନଈ ଫେରାଇ ଆଣିବ ତା' ବାପାଙ୍କୁ । ଏଥର ବନ୍ୟାରେ ଭାସି ଆସିଥିବା ଅଜଣା ଯୁବକଟିର ସେବାରେ ଲାଗି ତାକୁ ସାଷ୍ଟାମ କରିଛି ବନ୍ୟା । ଜାଣେନା କାହିଁ ଏବେ ଏବେ ଆଖିରେ ଭାସୁଛି ତା'ର ଲକ୍ଷେ କଦମ୍ବର ସମ୍ଭାର । ଜେଜେ ମା' ଡାକ ଦେଲା, ଆଲୋ ହେ କାଳବଢି! ପାଣି ଛାଡିଲାଣି ଘରକୁ ଟିକିଏ ଅନା। ମୋର କି ଆଉ ବଳ ବୟସ ଆସୁଛି ! ବାପା ଚାଲିଗଲା ପରେ ଜେଜେ ମା' ତାକୁ କାଳବଢି ବୋଲି ଡାକେ । ଅନ୍ୟମନସ୍କତା ଭାଙ୍ଗି ବନ୍ୟା ଦରମିଳା ମାଟିକାନ୍ଥରେ ଲିପି ଦେଲା ସ୍ୱପ୍ନ ମେଞ୍ଚାକ ।

*-ପୁରୀ, ମୋ:୭୦୦୮୨୭୨୯୫୩*



# ରେ ଭାଗ୍ୟ

**-ପିନାକୀ ମିଶ୍ର**

ରେ ଭାଗ୍ୟ
ଖାଲି ଡରିଲି ତୋତେ ଜୀବନସାରା

ଆଉଟିକେ ସରଳ ବି ହେଲି
ନଈ ପରି ତରଳ
ପତ୍ର ପରି କଅଁଳ
ଧୂଳି ପୋଛିଲି
ପାଦ ସଳଖେଇଲି
ସବୁ ଦେଖିଶୁଣି ନୀରବ ରହିଲି

ତୋତେ ଡରୁଛି
କାଳେ ଖସିପଡିବ ଆକାଶ
ଫଳ ଯାଚିବନି ପାଦପ
ହସ ପାଇବିନି ପବନରୁ
ପଥର ଖସିବ ଦେଉଳୁ

ତୋତେ ମାଗିବା ଆଗରୁ
ନିଜର ଶାସ୍ତି ଇଚ୍ଛିଲି
ଛାଇ ଅଛି ମାନେ ତ୍ରୁଟି ବି ଅଛି ।

ରେ ଭାଗ୍ୟ
ତୁ ଭରାନଈର ଅଜଗର ଧାଇଁ
ତୁ ବାଦଲଫଟା ବରଷା ତୋଡ
ତୁ ବସୁନ୍ଧରା ବେପଥୁପୀଡା
ତୁ ନୀଚତୁଣ୍ଡର କୁଭାଷା
ତୁ ଅଦିନଝଡର ହଲପ
ତୁ ରାତିଅଧ ବୁଜୁଳିବୁହା ବନ୍ୟାବିଷାଦ
ତୁ ଦିଗନ୍ତଛୁଆଁ ପାରିଲାଣ ଡେଣା
ତୁ ରାତିଚିରା ସୁଖର ସାଏରୀ
ତୁ ପୁଣି ତ୍ୟାଗତିତିକ୍ଷାର ଉପବାସୀ
ତୁ ପ୍ରେମର ସମର୍ପିତ ଲୁହ
ତୁ ପୁଣି ଛାତିଫଟା ମାଗୁଣିକୋହ
ତୁ ଅର୍ଥର ଲଳିତ ପୁଣି ଅନର୍ଥର ପଦାଘାତ ।

ତୁ ଦେଖା ଦେଉନା, ଜଗିଥାଉ
ତୁ ବାକି ରଖୁନା, ହିସାବ ଫେରାଉ

ତୋତେ କାରଣ ପୁଚ୍ଛିବା ମନା
ତୋତେ କେମିତି ଡାକିବିନି କହ ତ !

ତୁ ଅଛୁ ମାନେ ତୋ ଭରଷାରେ ଆଜିଯାଏଁ ମୁଁ
ସରିଗଲେ ସବୁ ପ୍ରୟାସ
କିଏ ତୋତେ ନଟେକିଛି ହାତ, କହ ତ ?

*-ଜେଲ୍ ରୋଡ, କେନ୍ଦୁଝର*
*ମୋ: ୯୪୩୮୧୧୮୩୯୭*


ରାଜେଶ-ଲୋପାମୁଦ୍ରା

# କଥା ହାତ ବାକ୍ସର

**ଗାଁ** ଗହଳିର ଏକ ମଧ୍ୟବିତ୍ତ ପରିବାର । ସ୍ୱାମୀ, ପୁଅ ବୋହୂଙ୍କୁ ନେଇ ସାବିତ୍ରୀଙ୍କ ସୁଖର ସଂସାର । ପୁଅ ସହରରେ ଚାକିରୀ କରେ। ବୋହୂ ବି ସେଇଠି ରୁହେ । ଗାଁ ଘରେ ରହି ଯାଆନ୍ତି ବାପା-ବୋଉ । ସମସ୍ତଙ୍କ ପାଇଁ ସମୟ ଦେଇ ଦେଇ ବିଚରା ନିଜ ପାଇଁ କେବେ ସମୟ ବାହାର କରିପାରନ୍ତି ନାହିଁ ସାବିତ୍ରୀ । ବୟସ ଅଧିକ ହେବାରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଛି। ଏହି ସମୟରେ ପୁଅକୁ ସହରରୁ ଡାକିବାକୁ ତାଙ୍କର ସ୍ୱାମୀ ପ୍ରସ୍ତାବ ଦିଅନ୍ତି। ହେଲେ ସାବିତ୍ରୀଙ୍କର ଏକାଜିଦ୍ ପୁଅକୁ ଡକା ହେବନି। ତେବେ ଏହାପରେ କ'ଣ ହେଉଛି ? ଅସୁସ୍ଥ ବୋଉକୁ ଦେଖିବାକୁ ପୁଅ ଆସୁଛି କି ? ସାବିତ୍ରୀ ଏପରି ସ୍ୱାସ୍ଥ୍ୟ ସମସ୍ୟାରୁ ମୁକୁଳି ପାରୁଛନ୍ତି ତ ? ଏପରି ପ୍ରଶ୍ନଗୁଡିକର ଉତ୍ତର ରହିଛି ରିଲିଜ ଅପେକ୍ଷାରେ ଥିବା ଓଡିଆ ସିନେମା 'ବୋଉର ହାତ ବାକ୍ସ'ରେ। ଏଥିରେ ବୋଉ ଚରିତ୍ରରେ ଲୋପାମୁଦ୍ରା ମିଶ୍ର ଏବଂ ପୁଅ ଚରିତ୍ରରେ ରାଜେଶ ଅଭିନୟ କରୁଛନ୍ତି । ସେହିପରି ବରିଷ୍ଠ ମଞ୍ଚ ନିର୍ଦ୍ଦେଶକ ତଥା ଅଭିନେତା ନାରାୟଣ ପତିଙ୍କୁ ବାପା ଭୂମିକାରେ ଦେଖିବାକୁ ମିଳିବ। ଡ. ଆରତୀ ପାଟଯୋଶୀ କାହାଣୀ ରଚନା କରିଥିବା ବେଳେ ଚିତ୍ରନାଟ୍ୟ ଲେଖିବା ସହ ନିର୍ଦ୍ଦେଶନା ଦେଇଛନ୍ତି ନାରାୟଣ ପତି। ଟାଇରୋସନା ଫିଲ୍ମ ପ୍ରଯୋଜିତ ଓ ସଞ୍ଜୟ ଦାସ ନିବେଦିତ ଏହି ଫିଲ୍ମର ଗୀତଗୁଡିକୁ ରଚନା କରିଛନ୍ତି ଦେବଦାସ ଛୋଟରାୟ ଏବଂ ମାନଗୋବିନ୍ଦ ବାରିକ। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି କ୍ଷୀତିପ୍ରକାଶ ମହାପାତ୍ର । ସିନେମାଟିର ମିଡିଆ କ୍ରିଏଟିଭ ହେଡ ରହିଛନ୍ତି ପ୍ରଣୟ ଜେଠୀ।


ସାନ୍ୟା

# କାର୍ତ୍ତିକଙ୍କ ନୂଆ ଯୋଜନା

**କା**ର୍ତ୍ତିକ ଆର୍ଯ୍ୟନ ନିକଟରେ ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ଏଣିକି ଆକ୍ଟିଂ ସହ ଆଉ ଏକ କ୍ଷେତ୍ରରେ ସେ ପାଦ ଦେବାକୁ ଯାଉଛନ୍ତି। ଏଥିପାଇଁ ସେ ନିଜକୁ ପ୍ରସ୍ତୁତ ମଧ୍ୟ କରିସାରିଲେଣି। କେବଳ ସେତିକି ନୁହେଁ, ନିଜର ନୂଆ ଯୋଜନାକୁ ରୂପରେଖ ଦେବା ପାଇଁ ସେ ଏକ ସଂସ୍ଥା ଗଠନ କରିଛନ୍ତି। ଏଥିରେ ତାଙ୍କ ବ୍ୟତୀତ ତାଙ୍କର କେତେ ଜଣ ସାଙ୍ଗ ମଧ୍ୟ କାମ କରିବେ। ଏପରି ନିଷ୍ପତ୍ତି ସମ୍ପର୍କରେ କାର୍ତ୍ତିକ କହନ୍ତି, 'ଥରେ ମୁଁ ମୋର ଜଣେ ବନ୍ଧୁଙ୍କ ସହ ଆଲୋଚନା କରିଥିଲି। ସେହି ସମୟରେ ସେ ମୋତେ ସୋସିଆଲ ସର୍ଭିସରେ ଜଡିତ ହେବାକୁ ପରାମର୍ଶ ଦେଇଥିଲେ। ଏହା ଉପରେ ସେତେବେଳେ ବିଷଦ ଭାବରେ ଆଲୋଚନା କରିଥିଲୁ। ପରେ ଏ ନେଇ ମୁଁ ଭଲ ଭାବରେ ଚିନ୍ତା କରିଥିଲି। ଏବେ ସମାଜସେବା କରିବାକୁ ମାଇଣ୍ଡ ମେକଅପ କରିସାରିଛି। ଫିଲ୍ମରୁ ମୋତେ ଯାହା ରେମ୍ୟୁନିରେଶନ ମିଳିବ ସେଥିରୁ କିଛି ଏଥିଲାଗି ଖର୍ଚ୍ଚ କରିବି।' କାର୍ତ୍ତିକଙ୍କ ଅଭିନୀତ 'ଭୁଲ ଭୁଲୈୟା-୨' ବକ୍ସ ଅଫିସରେ ଭଲ ବିଜନେସ୍ କରିଥିଲା। ତାଙ୍କ ହାତରେ ଥିବା ଆଗାମୀ ଫିଲ୍ମଗୁଡିକ ହେଉଛି 'ଫ୍ରେଡି', 'ଶେହଜାଦା' ଏବଂ କବୀର ଖାଁଙ୍କ ଅନଟାଇଟଲଟ ଫିଲ୍ମ।


କାର୍ତ୍ତିକ

# ଇମୋଶନାଲ ସାନ୍ୟା

**ସା**ନ୍ୟା ମାଲହୋତ୍ରା କେତେ ଇମୋଶନାଲ ତାହା ନିକଟରେ ଦେଖିବାକୁ ମିଳିଥିଲା। ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରାଇବାକୁ ଯାଇଥିଲେ। ପ୍ରଯୋଜକ ଯେତେବେଳେ ତାଙ୍କୁ କାହାଣୀ ଶୁଣାଇଲେ ସେ ତାହାକୁ ବେଶ୍ ଆଗ୍ରହର ସହ ଶୁଣିଥିଲେ। ହେଲେ ଠିକ୍ କାହାଣୀର ଶେଷ ପର୍ଯ୍ୟାୟବେଳକୁ ସାନ୍ୟାଙ୍କ ଆଖି ଛଳଛଳ ହୋଇଯାଇଥିଲା। ଏଭଳି ଘଟଣା ସମ୍ପର୍କରେ ସାନ୍ୟା କହନ୍ତି, ''ଏହି କାହାଣୀରେ ଦମ୍ ରହିଛି। ଏହାକୁ ଶୁଣିବା ସମୟରେ ମୁଁ ସେଥିରେ ବେଶ୍ ମଜି ଯାଇଥିଲି। ହେଲେ ଶେଷ ପର୍ଯ୍ୟାୟରେ ମୁଁ ଇମୋଶନାଲ ହୋଇଯାଇଥିଲି। ଏପରି କି ମୋ ଆଖି ଛଳ ଛଳ ହୋଇଯାଇଥିଲା। ଏହା ଦେଖି ପ୍ରଯୋଜକ ଟିକେ ବ୍ୟସ୍ତ ହୋଇପଡିଲେ। ହେଲେ କିଛି ସମୟ ପରେ ମୁଁ ନିଜକୁ ସାଧାରଣ ଅବସ୍ଥାକୁ ଆଣିବାରେ ସକ୍ଷମ ହୋଇଥିଲି। ଏହି ଫିଲ୍ମରେ ଜଣେ ଯୁବତୀ ନିଜ ପରିବାର ଚଳାଇବାକୁ କିପରି ସଂଘର୍ଷ କରୁଛି ତାହା ଦର୍ଶକ ଦେଖିବାକୁ ପାଇବେ।'

# ଅପେକ୍ଷାରେ ଦିଶା

**ଦି**ଶା ପଟାନି ଏବେ ଏକ ନୂଆ କଥା ଚିନ୍ତା କରୁଛନ୍ତି। ଯଦି ତାଙ୍କୁ ଆକ୍ସନ ଫିଲ୍ମରେ ଆକ୍ଟିଂ କରିବାର ସୁଯୋଗ ମିଳନ୍ତା, ତେବେ ସେ ନିଜ ଦକ୍ଷତା ଦେଖାଇପାରନ୍ତେ। ନିଜେ ସିନା ଏ ନେଇ ଆଗ୍ରହ ପ୍ରକାଶ କରିଛନ୍ତି, ହେଲେ ସେଭଳି ସୁଯୋଗ ମିଳିବା ହେଉଛି ବଡ କଥା। କିନ୍ତୁ ଏମିତି କ'ଣ ହେଲା ଯେ ସେ ଏଭଳି ଫିଲ୍ମରେ ଆକ୍ଟିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି ? ଏ ନେଇ ଦିଶା କହନ୍ତି, 'କୋଭିଡ ଭିତରେ ମୁଁ ଅନେକ ଆକ୍ସନଭିତ୍ତିକ ଫିଲ୍ମ ଦେଖିଥିଲି। ବିଶେଷଭାବରେ ହଲିଉଡ୍‌ର ଆକ୍ସନଭିତ୍ତିକ ସିନେମା ମୋତେ ବେଶ୍ ପ୍ରଭାବିତ କରିଛି। ଆଉ ଏକ କଥା-ଆକ୍ଟିଂ ଲାଇନ୍‌ରେ ପ୍ରବେଶ କରିବା ପୂର୍ବରୁ ମୋର ଏଭଳି ଫିଲ୍ମ ପ୍ରତି ଦୁର୍ବଳତା ଥିଲା। ଆଉ ଏବେ ସେପରି ଚିତ୍ରରେ ଅଭିନୟ କରିବାକୁ ଆଶା ରଖିଛି। କେବଳ ସେତିକି ନୁହେଁ, ଭଲ ଭଲ କେତୋଟି ଆକ୍ସନଭିତ୍ତିକ କାହାଣୀ ମଧ୍ୟ ସିଲେକସନ କରିଛି। ହେଲେ ତାହାକୁ ନେଇ ଫିଲ୍ମ ନିର୍ମାଣ କରିବାକୁ ପ୍ରଯୋଜକ ଯଦି ରାଜି ହୁଅନ୍ତି ତେବେ ମୋର ଆଶା ପୂରଣ ହେବ। ହେଲେ ଏହାର ଅର୍ଥ ନୁହେଁ ଯେ, ମୁଁ ନିଜକୁ କେବଳ ସେହି ଆକ୍ସନ ରୋଲ୍‌ରେ ବାନ୍ଧି ରଖିବି। ଜଣେ କଳାକାର ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କଲେ ତାଙ୍କର ଆକ୍ଟିଂ ଦକ୍ଷତା ଜଣାପଡିଥାଏ। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ମୁଁ ତାହାର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଭଲ ଭାବରେ ତର୍ଜମା କରିଥାଏ।' ତେବେ ଦିଶାଙ୍କୁ ଆକ୍ସନ ରୋଲ୍‌ରେ ଦର୍ଶକ କେବେ ଦେଖିବେ ତାହା ଜାଣିବାକୁ ବାକି ରହିଲା।


ଦିଶା


ଜାହ୍ନବୀ

# ଫିଟନେସ୍ ଟିପ୍ସ ବାଣ୍ଟୁଛନ୍ତି ଜାହ୍ନବୀ

**ଷ୍ଟା**ର୍ କିଡ୍ ଜାହ୍ନବୀ କପୁର ଏବେ ବୁଲି ବୁଲି ଗୋଟିଏ ଜିନିଷ ବାଣ୍ଟୁଛନ୍ତି। ଯଦି ସାଙ୍ଗମାନେ ଭେଟ ହୋଇଗଲେ ତେବେ ପ୍ରଥମେ ସେକଥାକୁ ନେଇ ଲମ୍ବା ଆଲୋଚନା ହେଉଛି। କଥା କ'ଣ କି ଜାହ୍ନବୀ ବର୍ତ୍ତମାନ ଫିଟନେସ୍ ଟିପ୍ସ ବାଣ୍ଟିବାରେ ବ୍ୟସ୍ତ। ନିକଟରେ ଶପିଂ କରିବା ସମୟରେ ତାଙ୍କର କେତେ ଜଣ ସାଙ୍ଗଙ୍କ ସହ ତାଙ୍କର ଭେଟ ହୋଇଗଲା। ମଲ୍‌ରୁ ବାହାରିବା ପରେ ସିଧା ଚାଲିଲେ ଏକ କାଫେକୁ। ସେଠାରେ କଫିର ମଜା ନେବା ସହ ଫିଟନେସ ବିଷୟରେ ବଖାଣିବାକୁ ଭୁଲି ନ ଥିଲେ ସେ। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ଆଜିକାଲିର ବିଜି ଲାଇଫରେ ନିଜ ଫିଟନେସ ପ୍ରତି ଧ୍ୟାନ ଦେବା ଜରୁରୀ। ନ ହେଲେ ଅଯଥାରେ ଆମକୁ ରୋଗ ମାଡି ବସିବ। ତେଣୁ ମୁଁ ଏହାକୁ ନେଇ ଅଧିକ ସତର୍କ ଥାଏ। ପ୍ରତିଦିନ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ୍ କରିବାକୁ ଭୁଲି ନ ଥାଏ। ଆଉ ସବୁବେଳେ ନିଜ ଡାଏଟିଂକୁ ନେଇ ଆଲର୍ଟ ଥାଏ। ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ମଧ୍ୟ ରହିଛି।' ଜାହ୍ନବୀଙ୍କ ଅଭିନୀତ 'ମିଲି'ର ଶୁଟିଂ ଏବେ ଶେଷ ହୋଇଛି। ଏହାବ୍ୟତୀତ ଆଉ ଏକ ଫିଲ୍ମ 'ମିଷ୍ଟର ଆଣ୍ଡ ମିସେସ ମାହି' ନିର୍ମାଣାଧୀନ ଅବସ୍ଥାରେ ଅଛି।


ନୋରା

# କଷ୍ଟ୍ୟୁମ ପାଇଁ...

**ନୋ**ରା ଫତେହି ଏବେ ଲଣ୍ଡନରେ ଡେରା ପକାଇଛନ୍ତି। କଥା କ'ଣ କି ଏକ ଲଙ୍ଗ ଭ୍ୟାକେଶନରେ ସେ ବର୍ତ୍ତମାନ ସେଠାକୁ ଯାଇଛନ୍ତି। ହେଲେ ସେପଟେ ଗୋଟିଏ କଥାକୁ ନେଇ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଅସଲ କଥା ହେଲା, ନିକଟରେ ସେ ତାଙ୍କର କେତୋଟି ବୋଲ୍ଡ ଅବତାରବିଶିଷ୍ଟ ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ତା' ଭିତରେ କେତୋଟି ବିକିନି ପିନ୍ଧା ଫଟୋ ରହିଛି। ବର୍ତ୍ତମାନ ସେହି ଫଟୋଗୁଡିକ ବେଶ୍ ଭାଇରାଲ ହୋଇଛି। ଏ ସମ୍ପର୍କରେ ସଫେଇ ଦେଇ ନୋରା କହନ୍ତି, 'ମୋର ବୋଲ୍ଡ ତଥା ବିକିନି ପିନ୍ଧା ଫଟୋକୁ ନେଇ କାହିଁକି ଏତେ ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି ବୋଲି କେହି କେହି କହୁଛନ୍ତି। ହେଲେ ଅସଲ କଥା ହେଲା, ଏକ ବିଜ୍ଞାପନର ଶୁଟିଂ ସମୟରେ ମୋତେ ଏପରି ଗେଟ୍‌ଅପ୍ ନେବାକୁ ପଡିଥିଲା। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।' ଚଳିତ ବର୍ଷ ଅକ୍ଟୋବର ୨୪ରେ ରିଲିଜ ହେବାକୁ ଯାଉଥିବା ହିନ୍ଦୀ ସିନେମା 'ଥ୍ୟାଙ୍କ୍ ଗଡ୍'ରେ ନୋରାଙ୍କୁ ଏକ ଗୀତରେ ଦେଖିବାକୁ ମିଳିବ। ଇନ୍ଦର କୁମାରଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଜୟ ଦେବଗନ ଏବଂ ରକୁଲ୍ ପ୍ରୀତ ସିଂ ଅଭିନୟ କରିଛନ୍ତି।

# ବାପାଙ୍କୁ ଭାଗବତ ଗୀତା ଦେଇଥିଲି

**ବା**ଲେଶ୍ୱର ଜିଲାର ଖନ୍ତାପଡ଼ାରେ ମୋ ଜନ୍ମ। ପାଠପଢ଼ା ସାଙ୍ଗକୁ ପିଲାଟିଦିନରୁ ଚିତ୍ର କରିବା, ମୂର୍ତ୍ତି ଗଢ଼ିବା, ନାଟକ କରିବା ଓ ଷ୍ଟେଜ୍ ସଜାଇବା ଆଦି କାମରେ ମୋର ବିଶେଷ ରୁଚି ରହିଥିଲା। ସେଥିପାଇଁ ଆଇ.ଏ. ପାସ୍ କରିବା ପରେ ନାଟ୍ୟକାର ବିଜୟ ମିଶ୍ରଙ୍କ ପରାମର୍ଶରେ ଓଡ଼ିଶା ସଙ୍ଗୀତ ମହାବିଦ୍ୟାଳୟରେ ଆସି ଷ୍ଟେଜ୍ କ୍ରାଫ୍ଟ ବା ମଞ୍ଚସଜ୍ଜା ଉପରେ କୋର୍ସ କଲି। କିନ୍ତୁ ଏଥିରେ ମୋ ବାପା ପଦ୍ମନାଭ ପଣ୍ଡା ଆଦୌ ଖୁସି ନ ଥିଲେ। କାରଣ ଆମର ଥିଲା ଯଜମାନୀ ଘର। ସେ ଚାହୁଁଥିଲେ ମୁଁ ବି ତାଙ୍କ ପରି ପୂଜାପାଠ, ହୋମଯଜ୍ଞ ଆଦି କରେ। କିନ୍ତୁ ମୋର ସେଥିରେ ମନ ଲାଗୁ ନ ଥିଲା। ସେଥିପାଇଁ ଯେତେବେଳେ ଷ୍ଟେଜ କ୍ରାଫ୍ଟ ଉପରେ କୋର୍ସ କରିବାକୁ ବାପାଙ୍କୁ ଜଣାଇଲି ସେ ମୋତେ ବିରୋଧ କରି ନ ଥିଲେ ସତ କିନ୍ତୁ ତାଙ୍କ ମନରେ ସେଭଳି ଖୁସି ବି ଦେଖିବାକୁ ପାଇ ନ ଥିଲି। ବାପା ସେତେବେଳେ ମୋତେ ଗୋଟେ କଥା ପଚାରିଥିଲେ, 'ତୁ ଯଜମାନୀ କାମ ନ କଲୁ ନାହିଁ ପଛକେ ହେଲେ ଏ ଯେଉଁ ପାଠ ପଢ଼ିବୁ ସେଥିରେ ତୋତେ ସରକାରୀ ଚାକିରି ମିଳିବ ତ ?' ବାସ୍ ବାପାଙ୍କର ସେହି ଇଚ୍ଛାକୁ ପୂରଣ କରିବା ପାଇଁ ଖୁବ୍ ମନ ଲଗାଇ ପାଠ ପଢୁଥିଲି। ଯେଉଁଥିପାଇଁ ଷ୍ଟେଜ କ୍ରାଫ୍ଟରେ ପିଜି କରି ମୁଁ ଗୋଲ୍ଡ ମେଡାଲ୍ ପାଇଥିଲି। ତେବେ ପାଠ ପଢୁଥିବାବେଳେ ପାର୍ଟଟାଇମ୍‌ରେ ନାଟକରେ ଅଭିନୟ କରିବା, ମଞ୍ଚସଜ୍ଜା କାମ ବି କରୁଥିଲି। ସେଥିରୁ ଯେଉଁ ସ୍ୱଳ୍ପ ରୋଜଗାର ହେଉଥିଲା, ସେଥିରେ ହଷ୍ଟେଲ ଖର୍ଚ୍ଚ ଓ ନିଜ ଖର୍ଚ୍ଚ ତୁଲାଉଥିଲି। କାରଣ ମୁଁ ସେତେବେଳକୁ ଆଉ ଘରୁ ପଇସା ଆଣୁ ନ ଥିଲି। କ୍ରମେ ଚଳଚ୍ଚିତ୍ର ନିର୍ଦ୍ଦେଶକ ରବି କିନ୍ନାଗିଙ୍କ ସହ ମୋର ପରିଚୟ ହେଲା। ତାଙ୍କ ସହ ମିଶି କେତୋଟି ଓଡ଼ିଆ ଚଳଚ୍ଚିତ୍ରରେ ସହ ନିର୍ଦ୍ଦେଶନା ଦେଲି। ପରେ ପରେ ଚଳଚ୍ଚିତ୍ର ଓ ଧାରାବାହିକରେ ଅଭିନୟ କରିବାକୁ ଲାଗିଲି। ଅବଶ୍ୟ ତାରି ଭିତରେ ମୋର ପଢ଼ା ସରିଯିବାରୁ ବାପାଙ୍କ କଥାକୁ ମନେପକାଇ ସରକାରୀ ଚାକିରି

**ପ୍ରଥମ ରୋଜଗାର**



ଅଭିନେତା **ଅନ୍ତର୍ଯ୍ୟାମୀ ପଣ୍ଡା** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପାଇଁ ଆବେଦନ କଲି। ସୌଭାଗ୍ୟକୁ ଏସ୍‌ଆଇଇଟିରେ ଚାକିରି ହୋଇଗଲା। ଚାକିରିର ପ୍ରଥମ ଦରମା ଯେବେ ପାଇଲି ଘରକୁ ଯାଇ ପ୍ରଥମେ ବାପାଙ୍କୁ ପଚାରିଲି, ତାଙ୍କର କ'ଣ ଦରକାର ବୋଲି ? ସେ କହିଲେ- 'ମୋ ପାଇଁ ଗୋଟେ ଭାଗବତ ସେଟ୍ କିଣିଆଣିବୁ।' ଯେଉଁଦିନ ଭାଗବତ ସେଟ୍ ନେଇ ତାଙ୍କୁ ଦେଲି ସେଦିନ ତାଙ୍କର ଖୁସି କହିଲେ ନ ସରେ। ତାଙ୍କର ସେହି ହସ ହସ ମୁହଁ ହିଁ ଥିଲା ମୋ ପାଇଁ ଆଶୀର୍ବାଦ। ତା'ପରଠୁ ଚାକିରି, ଅଭିନୟ ଓ ମଞ୍ଚସଜ୍ଜା କାର୍ଯ୍ୟକ୍ରମରେ ଏତେ ବ୍ୟସ୍ତ ରହିଗଲି ଯେ ଚାକିରିରୁ ଅବସର ନେବାର ସମୟ କେତେବେଳେ ଆସିଗଲା ଜଣାପଡ଼ିଲାନି। ତା'ପରେ ମୋତେ 'ପୁଣ୍ଟୁ ନନାଙ୍କ ପେଟ ଯାତ୍ରା' କାର୍ଯ୍ୟକ୍ରମର ଦାୟିତ୍ୱ ମିଳିଲା ; ଯାହାକି ବେଶ୍ ପ୍ରସିଦ୍ଧି ଆଣିଦେଲା। ଆଉ ଏବେ ଏକ ଲୋକପ୍ରିୟ ଧାରାବାହିକ 'ଝିଲି'ରେ ଜେଜେ ଭୂମିକାରେ ଅଭିନୟ କରି ଦର୍ଶକଙ୍କର ଖୁବ୍ ଶ୍ରଦ୍ଧା ଓ ପ୍ରଶଂସା ପାଉଥିବାରୁ ବେଶ୍ ଆତ୍ମତୃପ୍ତି ମିଳୁଛି।

*-ଅନ୍ୱିତା*



# ଅଳପ ରୁଷାକୁ ଲାଜୁଆ ହସ, ସହଜେ ଫିଟେନା ପ୍ରେମର ଫାଶ

**ସାଥୀ**

**ପ୍ରଶ୍ନ**-ଜଣେ ଝିଅ ଟିକେ ହସିଲେ ଟିକେ ରୁଷୁଛି। ତାକୁ କେମିତି ପ୍ରେମ ଜାଲରେ ଫସାଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାଇବେ କି ସାଥୀ ?

*-ସୁମନ ରାଉତ, ଢେଙ୍କାନାଳ*

**ଉତ୍ତର:** ସେହି ସୁନ୍ଦରୀର ଲାଜୁଆ ହସ ଆଉ ରୁଷାରେ ପ୍ରେମର ଅସଲ ମଞ୍ଜି ରହିଛି। 'ଅଳପ ରୁଷାକୁ ଲାଜୁଆ ହସ, ସହଜେ ଫିଟେନା ପ୍ରେମର ଫାଶ'। ବାସ୍, ମଗଜ ଖଟାଇ ତାହାର ମାନସିକତା ଭଲ ଭାବରେ ଷ୍ଟଡି କରନ୍ତୁ। ପାଣିପାଗ ଯେତେବେଳେ ଲଭ୍-ଫ୍ରେଣ୍ଡଲି ବୋଲି ମନେ କରିବେ ସେତିକି ବେଳେ ଏମିତି ପ୍ରପୋଜ କରନ୍ତୁ ଯେମିତି ସେ ଆଉ ଆପଣଙ୍କ ପ୍ରେମ ଫାଶରୁ ମୁକୁଳି ପାରିବ ନାହିଁ। ହେଲେ ପ୍ରପୋଜ ସମୟରେ କିନ୍ତୁ, କାହିଁକି ଭଳି ପ୍ରଶ୍ନ ମନରେ ଆଣନ୍ତୁ ନାହିଁ। କାରଣ ଏହାଦ୍ୱାରା ଆପଣଙ୍କ ମନ ଯେତିକି ଆଗକୁ ଯିବ ସେତିକି ପଛକୁ ଯିବ। ତେଣୁ ଦେଖି ଚାହିଁ ଖେଳ ଆରମ୍ଭ କରନ୍ତୁ।

**ପ୍ରଶ୍ନ**-ଜଣେ ଝିଅକୁ ମୁଁ ଅନେକ ଥର 'ଆଇ ଲଭ୍ ୟୁ' କହିସାରିଲିଣି। ସେ ମୋତେ କିଛି କହିବାକୁ ଚାହୁଁଛି, ହେଲେ କହିପାରୁ ନାହିଁ। ସେ କ'ଣ ମୋତେ ଭଲ ପାଉଛି ? *-ପ୍ରତାପ ଦେବତା, ନୂଆପଡ଼ା*

**ଉତ୍ତର:** ଯେଉଁ ଝିଅକୁ ଏତେଥର 'ଆଇ ଲଭ୍ ୟୁ' କହିସାରିଲେଣି, ତାହାର ହାବଭାବ ତ ଲକ୍ଷ୍ୟ କରିଥିଲେ। ତାହାର ଚୋରା ଚାହାଣୀ ଆଉ ହସରେ ଅନେକ କଥା ଲୁଚି ରହିଥାଏ। ତାହାକୁ ତର୍ଜମା କରନ୍ତୁ। ଯଦି ସେଥିରୁ ପ୍ରେମର ବାସ୍ନା ଆସିଲା, ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ଆଉ କେହି ହୁଏତ ଏହାର ଫାଇଦା ନେଇଯାଇପାରେ। ତେଣୁ ଶୁଭସ୍ୟ ଶିଘ୍ରମ, ନା କ'ଣ କହୁଛନ୍ତି !

**ମଗଜ ଖଟାଇ ପ୍ରେମିକାର ମାନସିକତା ଭଲ ଭାବରେ ଷ୍ଟଡି କରନ୍ତୁ। ପାଣିପାଗ ଯେତେବେଳେ ଲଭ୍-ଫ୍ରେଣ୍ଡଲି ବୋଲି ମନେ କରିବେ ସେତିକି ବେଳେ ଏମିତି ପ୍ରପୋଜ କରନ୍ତୁ ଯେମିତି ସେ ଆଉ ଆପଣଙ୍କ ପ୍ରେମ ଫାଶରୁ ମୁକୁଳି ପାରିବ ନାହିଁ।**

**ପ୍ରଶ୍ନ**-ଜଣେ ସୁନ୍ଦରୀ ମୋ ସହ ନଖରାମୀ କରୁଛି। ତାକୁ ପ୍ରେମ କରିବା ଠିକ ହେବ କି ? *-ତପନ କୁମାର ଦାସ, ଆନନ୍ଦପୁର, କେନ୍ଦୁଝର*


**ଉତ୍ତର:** ପ୍ରେମ ଆଉ ନଖରାମି-ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। କାରଣ ଅନେକ ସମୟରେ ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେଜଣ ତାହାକୁ ଗମ୍ଭୀରତାର ସହ ଗ୍ରହଣ କରୁଥିବା ବେଳେ ଆଉ କେତେଜଣ ହାଲକା ଭାବରେ ନେଇଥାଆନ୍ତି। ଯେଉଁ ସୁନ୍ଦରୀ ଆପଣଙ୍କ ସହ ନଖରାମି କରୁଛି ତାହାର କାରଣ ଖୋଜି ସମୟର ଅଯଥା ଅପଚୟ କରନ୍ତୁ ନାହିଁ। ସେହି ନଖରାମିରୁ ଆପଣଙ୍କ ପ୍ରେମ ମିଶନ ଆରମ୍ଭ କରିଦିଅନ୍ତୁ ନା ! ଉଭୟ ନଖରାମି ଏବଂ ପ୍ରେମର ମିଶ୍ରିତ ମଜା ରସଗୋଲା ପରି ମିଠା। ବାସ୍, ତାହାର ମଜା ଦେବା ସହ ଆଗକୁ ପାଦ ବଢ଼ାନ୍ତୁ।

**ପ୍ରଶ୍ନ**-ଯାହାକୁ ପ୍ରେମ କରୁଥିଲି ତାକୁ ମୋ ସାଙ୍ଗ ବାହା ହୋଇଗଲା। ଏବେ ପୁଣି ଥରେ ମୁଁ ସେହି ପୂର୍ବ ପ୍ରେମିକା ପ୍ରେମରେ ପଡିଯାଇଛି। ମୁଁ ଏବେ କ'ଣ କରିବି ଜାଣିପାରୁନାହିଁ। *-ଅସୀତ, ପୁରୀ*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲେ ସେ ତ ନିଜର ହେଲା ନାହିଁ। ପୁଣି ବର୍ତ୍ତମାନ ଆପଣଙ୍କ ବନ୍ଧୁର ସେ ଧର୍ମପତ୍ନୀ। ଏବେ ପୁଣି ଥରେ ଆପଣ ତା' ପ୍ରେମରେ ପଡିଛନ୍ତି। ଯଦି ଏହି ପ୍ରେମ ଆଗକୁ ଆଗାଏ, ତେବେ ତାହାର ପରିଣାମ କ'ଣ ହେବ କେବେ ଚିନ୍ତା କରିଛନ୍ତି ? ଯଦି ଆପଣଙ୍କ ସାଙ୍ଗ ଅର୍ଥାତ୍, ପ୍ରେମିକାଙ୍କ ପତିଦେବ ଏକଥା ଜାଣିପାରନ୍ତି ତା'ହେଲେ ପରବର୍ତ୍ତୀ ସମୟରେ ଏହା ଏପରି ବିସ୍ଫୋରଣର ରୂପ ନେବ ଯାହାକୁ ସାମନା କରିବା ଆଦୌ ସହଜ ହେବ ନାହିଁ। ତେଣୁ ପୁଣି ଥରେ ସେ ଶୁପ୍ତ ଘା'କୁ ଉଖୁରେଇବାକୁ ଚେଷ୍ଟା ନ କରିବା ଭଲ। ନ ହେଲେ କଥାଟି 'ଆପଣା ହସ୍ତେ ଜିହ୍ୱା ଛେଦି, କେ' ତା'ର ଅଛି ପ୍ରତିବାଦୀ' ପରି ହେବ।

**ପ୍ରଶ୍ନ**-ଥରେ ଜଣେ ସୁନ୍ଦରୀ ସହ ଭେଟ ହେଲା। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ? *-ଜିତେନ୍ଦ୍ର, ବ୍ରହ୍ମପୁର*

**ଉତ୍ତର:** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, କଥାବର୍ତ୍ତା ଭିତରେ ତାହାର ଠିକଣା ପଚାରି ବୁଝିନେଇଥିଲେ ଭଲ ହୋଇଥାଆନ୍ତା। ଏବେ ତାକୁ ଖୋଜିବା ଯାହା ଅନ୍ଧାରରେ ବାଡି ବୁଲାଇବା ସେଇଆ। ଯଦି ଆପଣଙ୍କର ପ୍ରେମ ଉପରେ ଭରସା ଅଛି ତେବେ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !



# ବସିବା ପାଇଁ ସାର୍ଟିଫିକେଟ

ସ୍ୱାଧୀନତା ପୂର୍ବରୁ ଭାରତୀୟମାନେ ବ୍ରିଟିଶ ଅଫିସିଆଲ ବା ଗୋରା ସାହେବଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅପେକ୍ଷା କରିବାବେଳେ ଚେୟାରରେ ବସିବା ମନା ଥିଲା। ଆଉ କେହି ଯଦି ବସିବାକୁ ଚାହୁଁଥିଲେ ତେବେ ଏକ ଖାସ୍ ସାର୍ଟିଫିକେଟ ନିଜ ନାମରେ କରାଇବାକୁ ପଡୁଥିଲା, ଯାହା 'କୁର୍ସି ନଶିନ୍' ନାମରେ ପରିଚିତ ଥିଲା। ୧୮୦୦ ମସିହାରେ ପ୍ରଚଳିତ ଏହି ବ୍ୟବସ୍ଥାକୁ ଦୀର୍ଘବର୍ଷ ବିତିଗଲାଣି। ହେଲେ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉତ୍ସବର ଗୋଟିଏ ଦିନ ପୂର୍ବରୁ ବିଶିଷ୍ଟ ଶିଳ୍ପପତି ହର୍ଷ ଗୋଏଙ୍କା ଟୁଇଟର୍‌ରେ ଶେୟାର କରିଥିଲେ ଏହି ସାର୍ଟିଫିକେଟ୍‌ର ଏକ ଫଟୋ। ଉକ୍ତ ସାର୍ଟିଫିକେଟଟି ରାମ ନରସିମ୍ ନାମକ ଜଣେ ବ୍ୟକ୍ତିଙ୍କୁ ୧୮୮୭ରେ ପ୍ରଦାନ କରାଯାଇଥିଲା। ଡେପୁଟି କମିଶନର ସେଥିରେ ଅଫିସିଆଲ ଷ୍ଟାମ୍ପ ମାରି ତାକୁ ପ୍ରାଧିକୃତ କରିଥିଲେ। ଉକ୍ତ ଟୁଇଟ୍ ଭାଇରାଲ ହୋଇଗଲା। କାରଣ ଅନେକେ ଏଭଳି ସାର୍ଟିଫିକେଟ ସମ୍ପର୍କରେ ଅବଗତ ନ ଥିଲେ।

କିଛି ଐତିହାସିକଙ୍କ ମତରେ ବ୍ରିଟିଶ ସରକାର ଏହି ବ୍ୟବସ୍ଥା ମୋଗଲଙ୍କଠାରୁ ଗ୍ରହଣ କରିଥିଲେ। ମୋଗଲ ଦରବାରରେ ଅଳ୍ପ କେତେଜଣ ଖାସ୍ ବ୍ୟକ୍ତିଙ୍କୁ ଛାଡ଼ିଦେଲେ ପ୍ରାୟ ସମସ୍ତେ ସମ୍ରାଟଙ୍କ ସମ୍ମୁଖରେ ଠିଆ ହେଉଥିଲେ। ଯେତେବେଳେ ବ୍ରିଟିଶ ସରକାର ମୋଗଲ ସମ୍ରାଟମାନଙ୍କୁ ଗାଦିରୁ ହଟାଇ ନିଜେ ଶାସନଭାର ସମ୍ଭାଳିବାକୁ ଲାଗିଲେ ସେମାନେ ଜାଣିବାକୁ ପାଇଲେ ଯେ, ଲୋକଙ୍କ ମନରେ ମୋଗଲ ସମ୍ରାଟଙ୍କ ଦରବାରରେ ବସିବାର ଅଧିକାରକୁ ନେଇ ଧୀରେ ଧୀରେ ପ୍ରତିବାଦ ଆରମ୍ଭ ହେଉଥିଲା। ତେଣୁ ବ୍ରିଟିଶ ସରକାର ଲୋକଙ୍କୁ କିଛିଟା ସନ୍ତୁଷ୍ଟ କରିବା ପାଇଁ କୁର୍ସି ନଶିନ୍ ସାର୍ଟିଫିକେଟ ବ୍ୟବସ୍ଥା ଆରମ୍ଭ କରିଥିଲେ। ଯଦ୍ଦ୍ୱାରା ଲୋକେ ସାର୍ଟିଫିକେଟ ପାଇବା ପରେ ବିନା ଦ୍ୱିଧାରେ ଗୋରା ସାହେବଙ୍କ ନିକଟରେ ଚେୟାରରେ ବସିପାରିବେ।


ସାରା ଏଫ୍‌ଡି ଅନ୍‌ସାରୀ ତାଙ୍କ ପୁସ୍ତକ 'ସୁଫି ସେଣ୍ଟ ଆଣ୍ଡ ଷ୍ଟେଟ ପାୱାର ; ଦ ପିର୍‌ସ ଅଫ୍ ସିନ୍ଧ ୧୮୪୩–୧୯୪୭'ରେ କହିଛନ୍ତି ସ୍ୱାଧୀନତା ପୂର୍ବରୁ କିଛି ଜିନିଷକୁ ସମ୍ମାନ ଓ ପ୍ରତିପତ୍ତିର ପ୍ରତୀକଭାବେ ବିଭକ୍ତୀକରଣ କରାଯାଇଥିଲା। ଯେମିତିକି ଦରବାରରେ କୁର୍ସି ବା ଚେୟାର, ଆର୍ଫିନାମା ବା ସୁନା ଓ ରୁପାରେ ଲିଖିତ ପ୍ରଶଂସାପତ୍ର ବା ସାର୍ଟିଫିକେଟ, ବିଭିନ୍ନ କ୍ୱାଲିଟି କପଡ଼ାରେ ପ୍ରସ୍ତୁତ ଲୁଙ୍ଗି ଏବଂ ଖଣ୍ଡା ଅବା ବନ୍ଧୁକରେ ଭଲ କାମ ପାଇଁ ଖୋଦିତ ଧନ୍ୟବାଦ ଲେଖା ଆଦି। ଏସବୁ ଯାହା ପାଖରେ ରହୁଥିଲା ସେମାନଙ୍କୁ ଖ୍ୟାତିସମ୍ପନ୍ନ ବ୍ୟକ୍ତିଭାବେ ସମାଜରେ ସମ୍ମାନ ଦିଆଯାଉଥିଲା। ୟୁରୋପିଆନ ଚେୟାରରେ ଗୋରା ସାହେବଙ୍କ ସାମ୍‌ନାରେ ବସିବା ପାଇଁ ମିଳୁଥିବା 'କୁର୍ସି ନଶିନ୍' ସାର୍ଟିଫିକେଟ୍‌କୁ ମଧ୍ୟ ସେତେବେଳେ ସମ୍ମାନର ପ୍ରତୀକଭାବେ ଗଣନା କରାଯାଉଥିଲା।

ଏ ସମ୍ପର୍କରେ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ **ଜ୍ୟୋତି ନନ୍ଦ**ଙ୍କର ମତ ହେଲା– ବ୍ରିଟିଶ ପଦସ୍ଥ ହାକିମମାନେ ଯେତେବେଳେ ଭାରତୀୟମାନଙ୍କୁ କିଛି ନିର୍ଦ୍ଦେଶନାମା ଦେବା ତଥା ଶାସକୀୟ ସମ୍ବୋଧନ ଦେବା ପାଇଁ କିଛି ଆୟୋଜନ କରୁଥିଲେ, ସେତେବେଳେ ସେଥିରେ ଯେଉଁ ଶାସିତ ଭାରତୀୟମାନେ ଯୋଗ ଦେବା ପାଇଁ ଉପଯୁକ୍ତ ବୋଲି ମନେକରାଯାଉଥିଲା, ସେମାନଙ୍କୁ ଗୋରା ଶାସକଙ୍କ ତରଫରୁ ଗୋଟିଏ ଗୋଟିଏ ପାସ୍ ବା ଟିକେଟ ପ୍ରଦାନ କରାଯାଉଥିଲା। ଏହାକୁ 'କୁର୍ସି ନଶିନ୍' ବା କୁର୍ସି ପାଇବା ନିମନ୍ତେ ଯୋଗ୍ୟ ବ୍ୟକ୍ତିଙ୍କର ଗୋଟିଏ ଟିକେଟ ବୋଲି ବିଚାର କରାଯାଉଥିଲା। ଭାରତୀୟମାନଙ୍କ ଭିତରୁ ଯେଉଁମାନେ ଉଚ୍ଚଶିକ୍ଷିତ ତଥା ସ୍ୱଚ୍ଛଳତା ଦୃଷ୍ଟିରୁ ସମ୍ଭ୍ରାନ୍ତ ଥିଲେ ସେମାନଙ୍କୁ ବାଛି ବାଛି ଏଇ ଭଳି ସମ୍ପୂର୍ଣ୍ଣ ବ୍ରିଟିଶ ଆୟୋଜନରେ ଯୋଗଦେବା ପାଇଁ ଡକାଯାଉଥିଲା ତା'ସହିତ ସେମାନଙ୍କୁ ସେଇଠି ଏକାଠି ଗୋଟିଏ ଚୌକିରେ ବସିପାରିବା ଭଳି ଭବ୍ୟତା ପ୍ରଦାନ କରାଯାଉଥିଲା। ଯେଉଁ କାରଣରୁ ଏହି ଶିକ୍ଷିତ ତଥା ସମ୍ଭ୍ରାନ୍ତ ଭାରତୀୟ ବର୍ଗ ମହାମହିମ ବ୍ରିଟିଶ ସରକାରଙ୍କ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରୁଥିଲେ। ୧୮୫୮ ମସିହାରେ ମହାରାଣୀ ଭିକ୍ଟୋରିଆ ପ୍ରତ୍ୟକ୍ଷ ଭାବରେ ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ଭାରତର ଶାସନଭାର ନିଜ ହାତକୁ ନେବା ପରେ ଭାରତର ଜନଗଣନା କରିବା ଶାସନ ଦୃଷ୍ଟିରୁ ଅପରିହାର୍ଯ୍ୟ କରିଥିଲେ। ୧୮୭୨ ମସିହାରେ ଭାରତରେ ଏହି ଜନଗଣନା ଆରମ୍ଭ ହୋଇଥିଲେ ହେଁ ୧୮୮୧ ମସିହାରେ ଏହା ଏକ ଚୂଡାନ୍ତ ରୂପ ନେଇଥିଲା । ଭାରତରେ ଜନଗଣନା ସମ୍ପର୍କରେ ଏହି ପରିପ୍ରେକ୍ଷୀରେ କହିବାର ଆବଶ୍ୟକତା ଏଇଥିପାଇଁ ଯେ, ଏହି ଜନଗଣନାରୁ ଜଣାପଡିଥିଲା ଉଚ୍ଚଶିକ୍ଷିତ ଭାରତୀୟ ବର୍ଗର ସଂଖ୍ୟା ଏହି ସମୟ ବେଳକୁ ଦ୍ରୁତ ଭାବରେ ବଢ଼ିବାକୁ ଲାଗିଥିଲା। ଉପନିବେଶବାଦ ସଂକ୍ରାନ୍ତୀୟ ଇତିହାସ ଚର୍ଚ୍ଚାର ଅନ୍ୟତମ ପ୍ରଧାନ ଉତ୍ସ 'କେମ୍ବ୍ରିଜ୍ ସ୍କୁଲ'ର ଐତିହାସିକମାନଙ୍କ ଅନୁସାରେ ଭାରତରେ ସ୍ୱାଧୀନତାର ଆନ୍ଦୋଳନ ତଥା ଜାତୀୟବାଦର ସବୁଠାରୁ ପ୍ରଭାବୀ ଧାରଣାଟି ଏହି ଉଚ୍ଚଶିକ୍ଷିତ ଭାରତୀୟମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ବିଶେଷକରି ଯେଉଁ ଉଚ୍ଚଶିକ୍ଷିତ ଭାରତୀୟମାନେ ନିଜର ଶିକ୍ଷା ଅନୁଯାୟୀ ଉପଯୁକ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିଲେ ସେମାନେ ବ୍ରିଟିଶ ସରକାର ବିପକ୍ଷରେ ଏକାଠି ହୋଇ ଅନ୍ୟ ସାଧାରଣ ଭାରତୀୟମାନଙ୍କୁ ପରାଧୀନତାର ଦୁର୍ଦ୍ଦଶା ସମ୍ପର୍କରେ ବୁଝାଉଥିଲେ । ସେ ଦୃଷ୍ଟିରୁ ଏହି ଉଚ୍ଚଶିକ୍ଷିତ ନବ୍ୟ ସମ୍ଭ୍ରାନ୍ତ ତଥା କ୍ରମବର୍ଦ୍ଧିଷ୍ଣୁ ବର୍ଗବିଶେଷର କ୍ଷୋଭକୁ ପ୍ରତିହତ କରିବା ପାଇଁ ବ୍ରିଟିଶ ସରକାରଙ୍କ ତରଫରୁ ଏହି 'କୁର୍ସି ନଶିନ' ଟିକେଟ ହେଉଛି ଗୋଟିଏ ପ୍ରତୀକାତ୍ମକ ତୁଷ୍ଟୀକରଣ ପ୍ରକ୍ରିୟା।

ଯେଉଁମାନେ ଏହି ଟିକେଟ ପାଉ ନ ଥିଲେ ସେମାନେ ଅସନ୍ତୁଷ୍ଟ ହେବା ସ୍ୱାଭାବିକ। ଏହି ବିଶେଷ ବର୍ଗର ଅସନ୍ତୋଷ ପରବର୍ତ୍ତୀ ସମୟରେ ଭାରତର ସ୍ୱାଧୀନତା ସଂଗ୍ରାମ ଭଳି ଏକ ବ୍ୟାପକ ପୃଷ୍ଠଭୂମିରେ ଏକାଠି ହେବା ପାଇଁ ପ୍ରରୋଚିତ କରିଛି । ଏହି 'କୁର୍ସି ନଶିନ୍' ଟିକେଟର ବିଶେଷ ସମୟ ଅର୍ଥାତ ୧୮୮୦ର ପରବର୍ତ୍ତୀ ଦଶକ ସମୟରେ ଓଡ଼ିଶାରେ ଉଚ୍ଚଶିକ୍ଷିତ ବର୍ଗଙ୍କର ସ୍ଥିତି ସେତେ ପ୍ରଭାବଶାଳୀ ନ ଥିଲା। ଓଡ଼ିଶାରେ ଉଚ୍ଚଶିକ୍ଷା ତଥା ସମ୍ବାଦପତ୍ର ଯାହା ଯାହା ପ୍ରତିଷ୍ଠିତ ହୋଇଛି ତାହା ନଅଙ୍କ ଦୁର୍ଭିକ୍ଷ ତଥା ୧୮୬୬ ମସିହାର ପରବର୍ତ୍ତୀ ଘଟଣା।

ଅବଶ୍ୟ ଓଡ଼ିଶା ପ୍ରସଙ୍ଗରେ ସମ୍ଭ୍ରାନ୍ତ ମଧ୍ୟମବର୍ଗର ଅଭ୍ୟୁଦୟ କଥା ଦେଖିଲେ ଏହା ଏହି ସମୟରେ ଅନେକ ପରିମାଣରେ ଶିଥିଳ ଥିଲା। ସେ ଦୃଷ୍ଟିରୁ ବ୍ରିଟିଶ ସରକାରଙ୍କ ଦୃଷ୍ଟି ଯଦି କିଏ ଆକର୍ଷଣ କରିପାରିଥିଲା ତାହା ଅତ୍ୟନ୍ତ ଗର୍ବ ଆଉ ଗୌରବର କଥା ବୋଲି ବିବେଚିତ ହେଉଥିଲା। ଦେଶୀୟ ରାଜାମାନେ ତ ବ୍ରିଟିଶ ଅଫିସରମାନଙ୍କର ଯଥେଷ୍ଟ ପରିଚିତ ଥିଲେ। ତେଣୁ ସେମାନଙ୍କର 'କୁର୍ସି ନଶିନ୍' ଟିକେଟର ପ୍ରୟୋଜନ ନ ଥିଲା । ଆଉ ଓଡ଼ିଶା ପ୍ରସଙ୍ଗରେ ଯେଉଁ ନୂତନ ଉଚ୍ଚଶିକ୍ଷିତ ବର୍ଗର ଥିଲେ ସେମାନେ ଏଇଭଳି ଏକ 'କୁର୍ସି ନଶିନ୍' ଟିକେଟ ନ ପାଇବା ଯେ ଅମର୍ଯ୍ୟାଦାଜନକ ସେଇଭଳି ଅସନ୍ତୋଷ ସେମାନଙ୍କ ଭିତରେ ସୃଷ୍ଟି ହୋଇ ନ ଥିଲା । କାରଣ ତୁଳନାତ୍ମକ ଭାବରେ ନିଜର ଅସନ୍ତୋଷକୁ ଜାହିର କରିବା ଭଳି ସଂଖ୍ୟା ବା ବିଚାର ସେମାନଙ୍କ ପାଖରେ ସେତେବେଳେ ନ ଥିଲା ।





No. 14 of 1887.

KURSI NASHIN

DEHLI DISTRICT.

Certified that Ram Narain Son of Sheo Parshad being an accepted Kursi Nashin of this district, is entitled to the courtesy of a Seat when visiting Officers and Gentlemen.

Given under my hand and seal of the Office this 12 day of July 1887.

(Seal.) DELH

Deputy Commissioner.



ଜ୍ୟୋତି ନନ୍ଦ
ସ୍ତମ୍ଭକାର ତଥା ଅବସରପ୍ରାପ୍ତ ଇତିହାସ ଅଧ୍ୟାପକ



**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

**ପିୟାଲି**

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ ଫଟୋଗ୍ରାଫି

# ହାଃ ହାଃ

## ଟୁ୍ୟୁ

ଗୋଗି ପିଣ୍ଟୁକୁ: ପଡିଶାଘରେ କ'ଣ ହଉଛି ?
ପିଣ୍ଟୁ: ଜନ୍ମଦିନ ପାଳନ ହେଉଛି ବୋଧେ।
ଗୋଗି: କାହାର କିରେ ?
ପିଣ୍ଟୁ: ଟୁ୍ୟୁର।
ଗୋଗି: ଇଏ ଟୁ୍ୟୁ କିଏ ?
ପିଣ୍ଟୁ: ମୁଁ କେମିତି ଜାଣିବି, ମତେ ଯାହା ଶୁଭିଲା ତାହା କହିଲି।
ଗୋଗି: କ'ଣ ଶୁଭିଲା ?
ପିଣ୍ଟୁ: ହାପି ବର୍ଥ ଡେ'...'ଟୁ୍ୟୁ'।

## ଆଖି

ପ୍ରେମିକ ପ୍ରେମିକାକୁ ଅନାଇ: ଭଲକରି ଦେଖିକି କୁହ ମୋ ଆଖିରେ ତୁମକୁ କ'ଣ ଦେଖାଯାଉଛି।
ପ୍ରେମିକା ପ୍ରେମିକକୁ ଅନାଇ: ତୁମ ଆଖିରେ ମୋ ପାଇଁ ଖାଲି ପ୍ରେମ ହିଁ ପ୍ରେମ ଭରି ରହିଥିବା ମୁଁ ଦେଖିପାରୁଛି।
ପ୍ରେମିକ: ଏତେ ଆଉ ରୋମାଣ୍ଟିକ ହୁଅନା। ଭଲକି ଦେଖ ମୋ ଆଖିରେ ପୋକଟେ ପଡିଯାଇଛି। ତାକୁ ଜଲ୍‌ଦୀ ବାହାର କର।

## ମଶା

ଭୋଲୁର କାନ୍ଥ ଘଣ୍ଟା ଚାଲୁ ନ ଥାଏ। ସେ ତାକୁ ଖୋଲିକି ଦେଖିଲା। ତା' ଭିତରେ ଏକ ମଲା ମଶା ଥିଲା। ତାକୁ ଦେଖି ଭୋଲା: ଏବେ ବୁଝିଲି ଘଣ୍ଟା କାହିଁକି ଚାଲୁନି। ଡ୍ରାଇଭର୍ ତ ମରିଯାଇଛି। ଘଣ୍ଟା ଚାଲିବ କେମିତି ?

# ପତୋରା ଡ୍ୟାମ୍

ଅପୂର୍ବ ଏ ଓଡ଼ିଶା ରାଜ୍ୟ। ଏହାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି ଅନୁପମ ପ୍ରାକୃତିକ ସୌନ୍ଦର୍ଯ୍ୟ। ଏହି ରାଜ୍ୟକୁ ଆହୁରି ମହାନ୍ କରିଛି ଏଠାରେ ଥିବା ଶୈବପୀଠ, ଶାକ୍ତ, ବୈଷ୍ଣବ, ଗାଣପତ୍ୟ ଧର୍ମର ଅସଂଖ୍ୟ ମନ୍ଦିରମାନ। ସେମିତି ଏକ ନୈସର୍ଗିକ ଶୋଭାର ଭଣ୍ଡାର ରହିଛି ନୂଆପଡ଼ା ଜିଲାରେ। ଓଡ଼ିଶାର ଉପାନ୍ତ ଏବଂ ଛତିଶଗଡ଼ ନିକଟବର୍ତ୍ତୀ ଏହି ଜିଲାରେ ଥିବା ପତୋରା ଜଳଭଣ୍ଡାର ଏବଂ ତତ୍‌ସଂଲଗ୍ନ ଯୋଗେଶ୍ୱର ଶିବ ମନ୍ଦିର ଓଡ଼ିଶା ତଥା ଓଡ଼ିଶା ବାହାରର ଅନେକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଘନ ଜଙ୍ଗଲ ଆଉ ପାହାଡ଼ ଘେରା ଏହି ଜିଲାର ସଦର ମହକୁମାଠାରୁ ମାତ୍ର ଅଠର କି.ମି. ଦୂରରେ ଜୋଙ୍କ ନଦୀ ଉପରେ ନିର୍ମିତ ଏହି ଜଳଭଣ୍ଡାରଟି ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବା ପରେ ଏଠାରେ ସରକାରୀ ସ୍ତରରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ପାହାଡ଼ ଉପରେ ଥିବା ଯୋଗେଶ୍ୱର ମହାଦେବଙ୍କ ମନ୍ଦିରର ଉନ୍ନତୀକରଣ ହୋଇ ସେଠାରେ ଏକ ସୁନ୍ଦର ଉଦ୍ୟାନ ତିଆରି ହୋଇଛି; ଯାହାର ନାମ ରହିଛି ସୁନାବେଡ଼ା ପ୍ରାକୃତିକ ଉଦ୍ୟାନ। ଏଠାରେ ଅନେକ ପ୍ରକାର ଔଷଧୀୟ ବୃକ୍ଷ ସହିତ ଶାଳ, ପିଆଶାଳ, ପାଇନ୍ ଇତ୍ୟାଦି ଗଛ ରୋପଣ କରାଯାଇ ଅଳ୍ପ କିଛି ହରିଣ, ଠେକୁଆ ଇତ୍ୟାଦି ଜୀବଜନ୍ତୁଙ୍କୁ ରଖାଯାଇଛି। ସେଇ ଲନ୍‌ର ଧାରେ ଧାରେ ଗଲେ ସିଧା ପହଞ୍ଚି ହେବ ପତୋରା ଡ୍ୟାମ୍ ନିକଟରେ। ଠିଆ ହୋଇ ଜଳଭଣ୍ଡାରର ଶୋଭା ଦର୍ଶନ କରିବା ପାଇଁ ସେଠାରେ ଝୁଲା ସେତୁବନ୍ଧଟିଏ ତିଆରି ହୋଇଛି। ବର୍ଷାଦିନେ ପାହାଡ଼ ଉପରୁ ନିଗିଡ଼ି ପଡୁଥିବା ପାଣି ପଶି ଜୋଙ୍କ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୁଏ। ସେହି ସମୟରେ ଏହି ଡ୍ୟାମ୍‌ର ସ୍ଲୁଇସ୍ ଗେଟ୍ ଦ୍ୱାରା ବନ୍ୟା ଜଳକୁ ନିଷ୍କାସିତ କରି ଦିଆଯାଏ। ଡ୍ୟାମ୍‌ର ଗେଟ୍ ଖୋଲା ହେଲେ ସେହି ବାଟ ଦେଇ ଜଳଧାରା ପ୍ରବଳ ବେଗରେ ପତିତ ହେଉଥାଏ ତଳକୁ ଏବଂ ଧୂଆଁ ଭଳି ବହି ଯାଉଥାଏ ଆହୁରି ତଳକୁ ତ ଳ କୁ । ବିଲମାଳ ବୁଡ଼ି





ଯାଉଥାଏ, ତଟବର୍ତ୍ତୀ ଅଞ୍ଚଳ ପଟୁମାଟି ପଡି ଉର୍ବର ହେଉଥାଏ। ଖୁବ୍ ସୁନ୍ଦର ସେ ଦୃଶ୍ୟ। ପାହାଡ଼ର ଶୀର୍ଷ ଦେଶରେ ରହିଛି ଯୋଗେଶ୍ୱର ମହାଦେବଙ୍କର ଖୁବ୍ ସୁନ୍ଦର ମନ୍ଦିରଟିଏ। ମନ୍ଦିର ଚୂଡ଼ାରେ ଶୋଭା ପାଉଛନ୍ତି ପାଞ୍ଚୋଟି ବିରାଟ ଶିବଲିଙ୍ଗ ଏବଂ ଶୀର୍ଷରେ ସପ୍ତଫେଣୀ ନାଗ। ଗର୍ଭଗୃହରେ କଳା ମୁଗୁନୀ ପଥରର ବିରାଟ ଶିବଲିଙ୍ଗ ସହିତ ପିତ୍ତଳର ବିରାଟକାୟ ସର୍ପ ମୂର୍ତ୍ତି। ମନ୍ଦିର ଗୃହର ସମ୍ମୁଖ କାନ୍ଥରେ ନବଗ୍ରହଙ୍କର ପଥରର ମୂର୍ତ୍ତି ରହିଛି। ପାର୍ଶ୍ୱ ଦେବତା ଭାବରେ ରହିଛନ୍ତି ଦୁର୍ଗା, ଗଣେଶ, କାର୍ତ୍ତିକ। ମନ୍ଦିରର ଭିତର ପଟଟି ପୂରା ମାର୍ବଲ୍ ଛାଉଣି। ବେଢ଼ା ଭିତର ଖୁବ୍ ପରିଷ୍କାର ପରିଚ୍ଛନ୍ନ। ତଳକୁ ପରିକ୍ରମା ପଥରେ ମଧ୍ୟ ମାର୍ବଲ ବିଛାଇ ହୋଇଛି। ଏବେ ନୂତନ ଭାବରେ ମନ୍ଦିରର ସମ୍ମୁଖ ଭାଗରେ ନିର୍ମିତ ହୋଇଛି ବିରାଟ ନନ୍ଦୀ ମୂର୍ତ୍ତିଟିଏ। ମନ୍ଦିର ପଛକୁ ନୂତନ ମଣ୍ଡପଟିଏ ତିଆରି ହୋଇ ସେଥିରେ ଗଢ଼ା ହୋଇଛନ୍ତି ବିଷ୍ଣୁଙ୍କର ଦଶ ଅବତାରର ମୂର୍ତ୍ତି। ଭକ୍ତମାନଙ୍କ ପାଇଁ ବିବାହ, ବ୍ରତ ଇତ୍ୟାଦିରେ ଭୋଜିଭାତ କରିବା ନିମନ୍ତେ ମଣ୍ଡପଟିଏ ମଧ୍ୟ ରହିଛି ସେଠାରେ। ମନ୍ଦିରର ବାମପଟକୁ ଭୋଗ ଆଉ ଫୁଲ ଦୋକାନ। ତା' କଡ଼େ କଡ଼େ ଲମ୍ବି ଯାଇଛି ପାହାଡ ତଳକୁ ନୂଆ ହୋଇ ଗଢ଼ା ଯାଇଥିବା ଶ୍ରୀରାମ ମନ୍ଦିର ଆଡ଼କୁ ରାସ୍ତା। ପଥୁରିଆ ରାସ୍ତାରେ ଆଗକୁ ସେଇଠି ରହିଛି ଗୋଟିଏ ସୁଉଚ୍ଚ ହନୁମାନ ମୂର୍ତ୍ତି। ମୂର୍ତ୍ତିର ଦୁଇ ପାଦ ମଧ୍ୟ ଦେଇ ଲମ୍ବିଛି ସଂକୀର୍ଣ୍ଣ ପାହାଚ ପାହାଡ଼ର ପାଦଦେଶର ତଳକୁ ତଳକୁ। ସେଠାରେ ପୁଣି ରହିଛି ମହାକାଳର ମୁହଁ। ମୁହଁ ଭିତରେ ପଶି ତଳକୁ ଓହ୍ଲାଇଲେ ଗୋଟିଏ ବଡ଼ ଦଲାଣ। ସେହି ଦଲାଣରେ ରହିଛି ଶ୍ରୀରାମ ମନ୍ଦିର। ସେଠାରେ ରାମ, ଲକ୍ଷ୍ମଣ,ସୀତାଙ୍କ ମୂର୍ତ୍ତି ପୂଜା ପାଉଛନ୍ତି। ଆଉ ଗୋଟିଏ ଛୋଟ ମନ୍ଦିରରେ ବନଦୁର୍ଗା ପୂଜା ପାଉଛନ୍ତି। ସବୁ ମନ୍ଦିରଗୁଡ଼ିକ ବେଶ୍ ସଫାସୁତୁରା। ଦେଖିଲେ ଭାରି ଭଲ ଲାଗେ। ସବୁ ଋତୁରେ ଏଠି ଭକ୍ତମାନଙ୍କ ଭିଡ଼। ବିଶେଷକରି ଶ୍ରାବଣ ମାସରେ ଠାକୁରଙ୍କୁ ଜଳଲାଗି କରିବାକୁ କାଉଡ଼ିଆ ଭକ୍ତମାନେ ଦୂରଦୂରାନ୍ତରୁ ଛୁଟି ଆସନ୍ତି ଏଠାକୁ। ବିମାନ ଯୋଗେ ଏହି ସ୍ଥାନକୁ ଯିବା ପାଇଁ ଓଡ଼ିଶା ପଟରୁ ଝାରସୁଗୁଡ଼ା ବିମାନବନ୍ଦର ଏବଂ ଛତିଶଗଡ଼ର ରାୟପୁର ବିମାନବନ୍ଦର ହେଉଛି ନିକଟତମ। ରେଳ ଯୋଗେ ନୂଆପଡ଼ା କିମ୍ବା ଖରିଆର ରୋଡ୍ ଷ୍ଟେଶନ୍‌ରେ ଓହ୍ଲାଇ ଟ୍ୟାକ୍ସି କିମ୍ବା ଅଟୋରିକ୍ସା ଧରି ମଧ୍ୟ ଯାଇପାରିବେ। ସଡ଼କ ପଥରେ ଓଡ଼ିଶାର ସବୁ ସ୍ଥାନରୁ ବସ୍‌ରେ ଯାତାୟାତର ସୁବିଧା ମଧ୍ୟ ରହିଛି। ସେଥିପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକମାନଙ୍କ ଭିଡ଼ ଲାଗିଥାଏ।

*-ସୁଷମା ପରିଜା*
*ଶାରଳା ଭବନ, ପୋତାପୋଖରୀ, କଟକ*
*ମୋ: ୯୩୩୭୨୭୨୬୪୭*











# ଷ୍ଟାଡିୟମ୍ ଭିତରେ ଚାଲୁଛି ଟ୍ରେନ୍

ଫୁଟବଲ୍ ପ୍ରେମୀ ସାରା ପୃଥିବୀରେ ଅଛନ୍ତି। କ୍ରିକେଟ ପରି ଫୁଟବଲ୍ ମ୍ୟାଚ୍ ଦେଖିବା ପାଇଁ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ଖୁବ୍ ଭିଡ ବି ହୁଏ। ତେବେ ଭାବିଲେ ଦେଖି ଏଇ ମ୍ୟାଚ ଦେଖିବା ସମୟରେ ଯଦି ଷ୍ଟାଡିୟମ୍ ଭିତର ଦେଇ ଟ୍ରେନ ଆସିଯାଏ ଆପଣ କ'ଣ କରିବେ। ଭାବୁଥିବେ, ଏମିତି କ'ଣ କେବେ ସମ୍ଭବ। ହଁ, ଏହା ସମ୍ଭବ। ସ୍ଲୋଭାକିଆର ସିର୍ନି ବାଲୋଗ ସହରରେ ଅଛି ଏହି ଅଜବ ଷ୍ଟାଡିୟମଟି, ଯାହା ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ହେଲେ ଆରମ୍ଭରୁ ଷ୍ଟାଡିୟମ ଓ ରେଳଟ୍ରାକ ଗୋଟିଏ ସ୍ଥାନରେ ନ ଥିଲା। ପ୍ରଥମେ ତିଆରି ହୋଇଥିଲା ଏହି ରେଳଟ୍ରାକଟି। କିନ୍ତୁ ଅଶିଦଶକରେ ଉକ୍ତ ରେଳ ଟ୍ରାକ କିଛି ବର୍ଷ ପର୍ଯ୍ୟନ୍ତ ଅଚଳ ଭାବେ ପଡିରହିଥିଲା। ଏଇ ସମୟରେ ହିଁ ମ୍ୟୁନିସିପାଲିଟି ସେଠାରେ ଫୁଟବଲ ଷ୍ଟାଡିୟମ କରିଥିଲା। ୯୦ଦଶକରେ ଉକ୍ତ ରେଳଟ୍ରାକ୍‌ର ପୁନଃ ଉଦ୍ଧାର କରାଯାଇଥିଲା। ଆଉ ୧୯୯୨ରେ ଏହା ସର୍ବସାଧାରଣଙ୍କ ପାଇଁ ଉନ୍ମୋଚନ ହୋଇଥିଲା। ଫଳରେ ଫୁଟବଲ ଷ୍ଟାଡିୟମ ଦେଇ ରେଳ ଗଡିବା ଆରମ୍ଭ ହେଲା। ଏହା ଏକ ନ୍ୟାରୋଗେଜ ରେଳ ଅଟେ। ୧୭ କି.ମି. ଲମ୍ବ ଏହି ଟ୍ରାକ ଦେଇ ଏକ ଛୋଟ ବାଷ୍ପଚାଳିତ ଟ୍ରେନ ଯାଇଥାଏ। ମ୍ୟାଚ୍ ଚାଲିଥିବାବେଳେ ଯେବେ ଏହି ଟ୍ରେନ ଭକ୍ ଭକ୍ ଧୁଆଁ ଉଡାଇ ହର୍ନ ବଜାଇ ଷ୍ଟାଡିୟମ ଦେଇ ଗତି କରେ ଦର୍ଶକଙ୍କର ଧ୍ୟାନ ମ୍ୟାଚ୍ ଉପରୁ ହଟିବା ସହ ଖେଳାଳିଙ୍କର ବି କିଛିଟା ଧ୍ୟାନ ହଟିଥାଏ। ତଥାପି ସେମାନେ ଏହାକୁ ନଜର ନ ଦେଇ ମ୍ୟାଚ ଜାରି ରଖିବାକୁ ଚେଷ୍ଟା କରନ୍ତି। ଫଳରେ ମ୍ୟାଚ୍ ଦେଖିବାର ଏକ ଭିନ୍ନ ଅନୁଭୂତି ଦର୍ଶକ ଏଠାରେ ପାଇଥାନ୍ତି।

## କାର୍ଟୁନ କର୍ନର



# ଈଶ୍ୱରଙ୍କ ଉପରେ ଆସ୍ଥା ରଖ



## ଚିନ୍ମୟ ଚିନ୍ତନ

**ଶ୍ରୀ ସନ୍ୟାସୀ ଜୀ**

ସର୍ବବ୍ୟାପୀ ପରମାତ୍ମା ସବୁଆଡ଼େ ଅଛନ୍ତି ସତ୍ୟ କିନ୍ତୁ ସେ ମଧ୍ୟ ଆମ ଭିତରେ, ଆମ ହୃଦୟରେ ଅଛନ୍ତି। ସେଥିପାଇଁ ପଞ୍ଚସଖା ସନ୍ଥ ଅଚ୍ୟୁତାନନ୍ଦ କହିଲେ, ଆତ୍ମାରେ ଆତ୍ମାକୁ ଦେଖ, ଦେଖିଲେ ପାଇବୁ ସୁଖ, ତୋର ଦେହେ ତୁହି ଦେଖ ଦିଶୁଅଛି ଜକ ଜକ। ପ୍ରଭୁ, ତାଙ୍କୁ ଆପଣ ରାମ କୁହନ୍ତୁ, ହରି, ଗୋବିନ୍ଦ ଗୋପାଳ କୃଷ୍ଣ ବା ଜଗନ୍ନାଥ କୁହନ୍ତୁ, ସେ ବାହାରେ ଅଛନ୍ତି। ଭିତରେ ବି ଅଛନ୍ତି। ଭିତରେ ଯେ ଲୁଚିକି ଅଛନ୍ତି ତା' ନୁହେଁ, ଅଚ୍ୟୁତାନନ୍ଦ ପରା କହିଲେ, ସେ ଜକ ଜକ ହୋଇ ଦେଖା ଯାଉଛନ୍ତି। ତାଙ୍କୁ ଦୃଷ୍ଟି ନେଇ କେବଳ ଦେଖିବାର ଅଭିପ୍ସା ରହିବା ଦରକାର। ଆକୁଳତା ବା ବ୍ୟାକୁଳତା ରହିବା ଦରକାର। ଦୃଢ଼ ବିଶ୍ୱାସ ଟିକକ ରହିବା ଦରକାର। ଈଶ୍ୱରଙ୍କ ଉପରେ ବିଶ୍ୱାସ ବା ଭରସା ଟିକକ ହରାଇ ବସିଲେ ତାଙ୍କୁ ପାଇବା ମୁସ୍କିଲ। ସେ ଭରସା, ସେ ବିଶ୍ୱାସର ସ୍ୱରୂପ କ'ଣ? – ସେ ବାବଦରେ ଛୋଟିଆ ଏକ କାହାଣୀ।

ଗ୍ରୀକ ଦେଶର କଥା। ସ୍ୱାମୀ –ସ୍ତ୍ରୀ ଦୁହେଁ ଖୁବ୍ ଆଧ୍ୟାତ୍ମିକ ପରାୟଣ ଥିଲେ। ସ୍ୱାମୀଙ୍କର ବୃତ୍ତି ହେଲା ବ୍ୟବସାୟ। ନୂଆ ନୂଆ ବିବାହ କରିବା ସମୟର ଘଟଣା। ବିବାହର କିଛିଦିନ ପରେ ବ୍ୟବସାୟ କରିବା ପାଇଁ ଦୂର ବିଦେଶକୁ ଯାତ୍ରା ନିମନ୍ତେ ସେ ପ୍ରସ୍ତୁତ ହେଲେ। କିନ୍ତୁ ଏତିକି ବେଳେ ତାଙ୍କୁ ତାଙ୍କ ସ୍ତ୍ରୀଙ୍କ କଥା ଘାରିଲା – ସେ ଏକୁଟିଆ ରହିବେ କେମିତି? ସେ ଖାଇବେ କ'ଣ? ତାଙ୍କ ଭୋଜନ ନିମନ୍ତେ କେତେଦିନ ପାଇଁ ଖାଦ୍ୟସାମଗ୍ରୀ ବନ୍ଦୋବସ୍ତ କରି ମୋତେ ରଖିବାକୁ ପଡ଼ିବ ଯେମିତି ସେ ମୋର ଅନୁପସ୍ଥିତିକୁ ଆଦୌ ଅନୁଭବ କରି ନ ପାରିବେ? ଇତ୍ୟାଦି ଇତ୍ୟାଦି।

ଯାତ୍ରା ଆରମ୍ଭ କରିବାର କିଛିଘଣ୍ଟା ପୂର୍ବରୁ ସେ ସ୍ତ୍ରୀଙ୍କ ପାଖକୁ ଯାଇ ପଚାରିଲେ – କୁହ, ତୁମ ପାଇଁ କେତେ ଦିନର ସଉଦାପତ୍ର ତଥା ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ରଖିଦେଇ ଯିବି? ପ୍ରବଳ ଈଶ୍ୱର ବିଶ୍ୱାସୀ ସ୍ତ୍ରୀ ତତ୍‌କ୍ଷଣାତ ଉତ୍ତର ଦେଲେ – ଆଚ୍ଛା କହିଲ, ମୋର ଆୟୁ କେତେ? ମୁଁ ଆଉ କେତେ ବର୍ଷ ବଞ୍ଚିବି?

ତୁମର କେତେ ଆୟୁ ଅଛି ସେ କଥା ମୁଁ କେମିତି କହିବି? ମୁଁ କ'ଣ ତ୍ରିକାଳଦର୍ଶୀ ନା କ'ଣ? –ସ୍ୱାମୀଙ୍କର ଏପରି ଉତ୍ତର ଶୁଣି ସ୍ତ୍ରୀ କହିଲେ, ଯାହାଙ୍କୁ ମୋ ଆୟୁ ବିଷୟରେ ଜଣା ନାହିଁ ସେ ମୋ ପାଇଁ ଖାଦ୍ୟଦ୍ରବ୍ୟ ବାବଦରେ ଚିନ୍ତା କରିବା ବୃଥା। ଆପଣଙ୍କର ବା ବିଶ୍ୱର ପ୍ରତିଟି ପ୍ରାଣୀଙ୍କର ରହିବା ଓ ଖାଇବା ବିଷୟରେ ଯେ ଅତି ନିର୍ଭୁଲ ଭାବରେ ଗଣନା କରି ଭରଣ ପୋଷଣ କରୁଛନ୍ତି, ସେ ମୋ ବିଷୟରେ ନିଶ୍ଚୟ ଚିନ୍ତା କରିବେ। ଆପଣ ସେ ବାବଦରେ କିଛି ଚିନ୍ତା ନ କରି ଭଲରେ ଯାଇ ଭଲରେ ଫେରି ଆସନ୍ତୁ – ଏତିକି ମୋର ଶୁଭେଚ୍ଛା।

ପତ୍ନୀଙ୍କ କଥାର ମର୍ମକୁ ସ୍ୱାମୀ ଭଲ ଭାବରେ ବୁଝି ଦୂର ରାଇଜକୁ ଯାତ୍ରା କଲେ। ପରଦିନ ଜଣେ ପଡ଼ୋଶୀ ବୃଦ୍ଧା ମାଉସୀ



ବ୍ୟବସାୟୀଙ୍କ ପତ୍ନୀଙ୍କୁ ପଚାରିଲେ – ଝିଅ, ସ୍ୱାମୀ ତୁମ ପାଇଁ କ'ଣ ସବୁ ବ୍ୟବସ୍ଥା କରି ଯାଇଛନ୍ତି? ହସି ହସି ପତ୍ନୀ ଉତ୍ତର ଦେଲେ – ମା', ସ୍ୱାମୀ କ'ଣ ବ୍ୟବସ୍ଥା କରିବେ। ମୋ ପାଇଁ ଜନ୍ମରୁ ଆଜି ପର୍ଯ୍ୟନ୍ତ ବ୍ୟବସ୍ଥା କରି ଆସୁଥିବା ଲୋକ ଜଣକ ଆଜି ବି ମୋ ପାଖରେ ଅଛନ୍ତି। ମରିବା ପର୍ଯ୍ୟନ୍ତ ବି ପାଖେ ପାଖେ ରହି ସବୁକଥା ବୁଝୁଥିବେ।

ପାକୁଆ ପାଟି ମେଲାଇ ମାଉସୀ କହିଲେ – ସେ ଲୋକଟା କିଏ ବା?

ସେ ମୋ ଇଷ୍ଟ। ଏକ ଅଦୃଶ୍ୟ ସତ୍ତା।

ସୁଖରେ ହେଉ ବା ଦୁଃଖରେ, ମଣିଷ ସବୁବେଳେ ଈଶ୍ୱରଙ୍କ ଉପରେ ଏମିତି ଆସ୍ଥା ରଖି ବାଟ ଚାଲିବା ଉଚିତ। ସୁଖ ବେଳେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିଲେ ତାଙ୍କ ପ୍ରତି ଥିବା ପ୍ରେମର ଧାରାଟି ବୃଦ୍ଧିପ୍ରାପ୍ତ ହୁଏ। ଦୁଃଖ ବେଳେ ଈଶ୍ୱରଙ୍କ କଥା ଚିନ୍ତା କଲେ ତାଙ୍କ ପ୍ରତି ଥିବା ପ୍ରେମର ଧାରାଟି ପ୍ରଗାଢ଼ ହୁଏ। ଅନେକ ଲୋକ ସୁଖ ବେଳେ ଈଶ୍ୱରଙ୍କୁ ପୂରା ଭୁଲିଯାଆନ୍ତି କିନ୍ତୁ ଦୁଃଖ ପଡିଲେ ହେ ଠାକୁର ! ହେ ପ୍ରଭୁ ହୋଇ ମୁଣ୍ଡ ପିଟନ୍ତି। ହେଲେ ଈଶ୍ୱର ସେ ସବୁର ଊର୍ଦ୍ଧ୍ୱରେ ଥା'ନ୍ତି। ସୁଖ ବା ଦୁଃଖ ବେଳେ ଆପଣ ତାଙ୍କୁ ଡାକନ୍ତୁ ବା ନ ଡାକନ୍ତୁ, ସେଥିରେ ତାଙ୍କର କିଛି ଯା' ଆସ ନ ଥାଏ। କାରଣ ଈଶ୍ୱରଙ୍କୁ ସ୍ମରଣ କଲେ ଈଶ୍ୱରଙ୍କ ଅପେକ୍ଷା ବେଶି ଲାଭ ହୁଏ ମଣିଷର। ସୁଖ ବେଳେ ଈଶ୍ୱରଙ୍କୁ ସ୍ମରଣ କଲେ ମଣିଷ ସଂଯମୀ ହୁଏ। ଧନ ସମ୍ପତ୍ତି ବା କ୍ଷମତା ପାଇ ସେ ଅହଂକାରୀ ହୁଏନା। ଉଦ୍ଧତ ହୁଏନା। କାରଣ ଈଶ୍ୱର ସ୍ମରଣ ତାକୁ ସବୁବେଳେ କାନେ କାନେ ଚେତାଇ ଦେଇ କହି ଦେଉଥାଏ – ବାବୁରେ ! ତୋର ଏ ଧନ ସମ୍ପତ୍ତିକୁ ଈଶ୍ୱର ନିମିଷକରେ ହରଣ କରିନେଇ ପାରନ୍ତି। ତେଣୁ ଅହଂକାରୀ ହୁଅନା। ଉଦ୍ଧତ ହୁଅନା। ଲୋକଙ୍କୁ ପୋକ ମାଛି ପରି ମଣନା। ଯଦି ଅହଂକାରୀ ହେଲ, ତେବେ ଲୋକେ ଛିଃ ଛାକର କରିବେ। ତେଣୁ ସୁଖବେଳେ ଈଶ୍ୱର ସ୍ମରଣ କଲେ ଏତିକି ଲାଭ ମିଳେ।

ଦୁଃଖରେ ଈଶ୍ୱର ସ୍ମରଣ କଲେ ଆହୁରି ଲାଭ। ଦୁଃଖ କ'ଣ ଈଶ୍ୱର ଦିଅନ୍ତି? ଶହେରୁ ଅନେଶତ ଲୋକଙ୍କ ଧାରଣା ଯେ ଦୁଃଖକୁ କୁଆଡ଼େ ଈଶ୍ୱର ହିଁ ଦିଅନ୍ତି। ତେଣୁ କିଛି ମଣିଷ ବାହୁନା ପକାଇ କାନ୍ଦି କୁହନ୍ତି – ହେ ପ୍ରଭୁ ! ତୁମେ ଏତେ ନିଷ୍ଠୁର କାହିଁକି ହେଲ। ଏଡ଼େ ବଡ଼ ଦଣ୍ଡ ତାକୁ କାହିଁକି ଦେଲ ଇତ୍ୟାଦି ଇତ୍ୟାଦି।

ମଣିଷ ନିଜ କର୍ମର ଫଳକୁ ହିଁ ଭୋଗେ। ଈଶ୍ୱର କର୍ମଫଳକୁ ଭୋଗାଇବାର ଏକ ମାଧ୍ୟମ ମାତ୍ର। ଆପଣ ଆଜି ଯେଉଁ ଦୁଃଖ ଭୋଗୁଛନ୍ତି ସେଥିପାଇଁ ଈଶ୍ୱର ନୁହେଁ, ଆପଣ ନିଜେ ହିଁ ଦାୟୀ। ଦୁଃଖରେ ଈଶ୍ୱରଙ୍କୁ ଡାକିଲେ ସେ ଦୁଃଖ ହରଣ କରନ୍ତି ନାହିଁ ବରଂ ଦୁଃଖକୁ ସହିବାର ସାମର୍ଥ୍ୟ ପ୍ରଦାନ କରନ୍ତି।

–ଦିବ୍ୟାଲୋକ ସନ୍ଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ
ମୋ: ୯୪୩୭୨୯୨୬୭୯

## ପୁସ୍ତକ ସମୀକ୍ଷା

### ଅସନ୍ତୋଷର ପୃଥିବୀ

**ରଂଜନ କୁମାର ଦାସ**
**ଦିବ୍ୟଦୂତ ପ୍ରକାଶନୀ, ରାଜା ବଗିଚା, କଟକ–୯**
**ମୂଲ୍ୟ–୧୯୫ଟଙ୍କା**

'ଅସନ୍ତୋଷର ପୃଥିବୀ' ରଂଜନ କୁମାର ଦାସଙ୍କ ପ୍ରବନ୍ଧ ସଂକଳନ। ଏଥିରେ ୫୩ଟି ପ୍ରବନ୍ଧ ପ୍ରକାଶିତ ହୋଇଛି। ଏଥିରୁ ପ୍ରାୟ ପ୍ରବନ୍ଧ ଧରିତ୍ରୀ ପୃଷ୍ଠାରେ ସ୍ଥାନିତ ହୋଇଛି। ଆମେ ବସବାସ କରୁଥିବା ସ୍ଥାନରେ କେତେ ପ୍ରକାରର ଲୋକ ଅଛନ୍ତି। ସେମାନେ ନିଜର କେତେକ ସ୍ୱାର୍ଥ ସାଧନ ଲାଗି ବିଭିନ୍ନ ସମୟରେ ଅନଶନ, ହରତାଳ, ଧାରଣା, ଗଣଧାରଣା ଓ ଆତ୍ମାହୁତି ମଧ୍ୟ ଦେଇଥାନ୍ତି। ସେଥିଲାଗି ଟେଣ୍ଟ ହାଉସ୍ ମାଲିକଙ୍କୁ କାମ ମିଳେ। ପାନ ଦୋକାନରେ ବେପାର ହୁଏ। ଦାନ୍ତକାଠି ବିକ୍ରୀ କରୁଥିବା ଲୋକ ମଧ୍ୟ ରୋଜଗାର କରିଥାନ୍ତି ଇତ୍ୟାଦି। ଲେଖକ କହିଛନ୍ତି, କିଛି ଲୋକଙ୍କ ଗୁଜୁରାଣ ଦାବିରେ ଆଉ କିଛି ଲୋକଙ୍କ ଗୁଜୁରାଣ ମେଣ୍ଟିଯାଏ। ପ୍ରତି ଥର କିଛି ଲୋକଙ୍କ ଆଶା ବଢୁଥାଏ। ନିରାଶା ମଧ୍ୟ ବଢୁଥାଏ। ଖାଲି ଯାହା ପୃଥିବୀରେ ସନ୍ତୁଷ୍ଟ ଲୋକଙ୍କ ସଂଖ୍ୟା କମୁଥାଏ। ବୋଧହୁଏ ଏମିତି ଚାଲିଥିବ ପୃଥିବୀର ଶେଷ ସନ୍ତୁଷ୍ଟ ଲୋକଟି ଅସନ୍ତୁଷ୍ଟ ହେବାଯାଏ। ସଂକଳନଟି ପାଠକୀୟ ଶ୍ରଦ୍ଧା ଓ ସ୍ୱୀକୃତି ଲାଭ କରିବ ଏଥିରେ ସନ୍ଦେହ ନାହିଁ।




### ଚମ୍ପାଫୁଲର ମହକ

**ବୈଷ୍ଣବ ପ୍ରସାଦ ମହାନ୍ତି**
**ଅପୂର୍ବା, ୟୁନିଟ୍–୩, ଭୁବନେଶ୍ୱର**
**ମୂଲ୍ୟ–୧୫୦ଟଙ୍କା**

'ଚମ୍ପାଫୁଲର ମହକ' ବୈଷ୍ଣବପ୍ରସାଦ ମହାନ୍ତିଙ୍କ ଗଳ୍ପପୁସ୍ତକ। ଏଥିରେ ୨୩ଟି ଗପ ପ୍ରକାଶିତ ହୋଇଛି। ପୁସ୍ତକରେ ଥିବା ଚମ୍ପାଫୁଲ ଗପରେ ଚୌଧୁରୀ ବଂଶର ପରମେଶ୍ୱର ଚୌଧୁରୀ ଓ ତାଙ୍କ ପରିବାର ବିଷୟରେ ବର୍ଣ୍ଣନା କରାଯାଇଛି। ତାଙ୍କ ସ୍ତ୍ରୀ କିଭଳି ଚିନ୍ତାରେ ଅର୍ଦ୍ଧପାଗଳୀ ହୋଇ ଶଯ୍ୟାଶାୟୀ ହେବାପରେ ଚୌଧୁରୀ ୩ଜଣ ଝିଅଙ୍କୁ ଧରି କିପରି ଦିନ କାଟିବେ ଚିନ୍ତା କରିପାରୁ ନ ଥିଲେ। ତାର ବର୍ଣ୍ଣନା ଖୁବ୍ ସୁନ୍ଦର ଭାବେ କରିଛନ୍ତି ଗାଳ୍ପିକ। ବୈଷ୍ଣବପ୍ରସାଦଙ୍କ ଗଳ୍ପଗୁଡ଼ିକରେ ଏବେକା ସମାଜରେ ଲୋକଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଭାଷାର ବ୍ୟବହାର ଦେଖିବାକୁ ମିଳେ। ତାଙ୍କ ବାସ୍ତବ ଓ ଗତାନୁଗତିକ ଜୀବନ, ସାଂସାରିକ ଅଭିଜ୍ଞତା, ପରିବେଶ ତଥା ମାନବ ଜୀବନ ପ୍ରତି ସମ୍ବେଦନା ତାଙ୍କ ଗଳ୍ପଗୁଡ଼ିକରେ ଦେଖିବାକୁ ମିଳେ। ଗଳ୍ପଗୁଡ଼ିକର ଭାବବିନ୍ୟାସ ଖୁବ୍ ସୁନ୍ଦର ଓ ବାସ୍ତବଧର୍ମୀ। ଯାହା ପାଠକୀୟ ସ୍ୱୀକୃତି ଲାଭ କରିବ ବୋଲି ଆଶା କରାଯାଏ।




### ସୁବର୍ଣ୍ଣପୁରର ସନ୍ଥ ସାହିତ୍ୟ ପରଂପରା

**ଡକ୍ଟର ଦେବାଶିଷ ପାଣ୍ଡିଆ**
**କାବ୍ୟଲୋକ, ଲୁଇସ୍‌ରୋଡ, ଭୁବନେଶ୍ୱର–୨**
**ମୂଲ୍ୟ–୨୫୦ଟଙ୍କା**

'ସୁବର୍ଣ୍ଣପୁରର ସନ୍ଥ ସାହିତ୍ୟ ପରଂପରା' ଡକ୍ଟର ଦେବାଶିଷ ପାଣ୍ଡିଆଙ୍କ ଆଲୋଚନା ପୁସ୍ତକ। ଏଥିରେ ସନ୍ଥ ସାହିତ୍ୟର ସ୍ୱରୂପ ଓ ପରମ୍ପରାଠାରୁ ଆରମ୍ଭ କରି ସନ୍ଥ ସାଧିକା ଲକ୍ଷ୍ମୀଙ୍କରା ଓ ସହଜ ଯାନ ତତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ସନ୍ଥ ସାହିତ୍ୟ ସନ୍ଥମାନଙ୍କ ଉପରେ ରଚିତ ସାହିତ୍ୟ। ସମସ୍ତ ଭାରତୀୟ ଭାଷାରେ ସନ୍ଥ ସାହିତ୍ୟ ରଚିତ ହୋଇଛି। ସନ୍ଥମାନଙ୍କ ଦ୍ୱାରା ଉପସ୍ଥାପିତ ବିଚାରଧାରା, ତତ୍କାଳୀନ ସମାଜ ପାଇଁ ଯେତିକି ଉପଯୋଗୀ ଥିଲା, ତା'ଠାରୁ ଅଧିକ ଆମ ପାଇଁ ଉପଯୋଗୀ ହୋଇଛି। ସନ୍ଥ ସାହିତ୍ୟ ଧାର୍ମିକ ଓ ସାମାଜିକ ଚେତନା ଉପରେ ଆଧାରିତ। ସନ୍ଥ ସାହିତ୍ୟ ଆମ ଜାତି ବ୍ୟବସ୍ଥା ଓ ଉଗ୍ର ସାମ୍ପ୍ରଦାୟିକତା ପରି ସମାଜକୁ ଅସ୍ଥିର କରୁଥିବା ବ୍ୟବସ୍ଥାକୁ ବିରୋଧ କରିଥାଏ। ପୁସ୍ତକରେ ସନ୍ଥ ସାଧିକା କବି ଲକ୍ଷ୍ମୀଙ୍କରା, ବିଶ୍ୱ ପ୍ରସିଦ୍ଧ କବି ଭୀମଭୋଇ ଓ ଭକ୍ତ କବି ଚନ୍ଦ୍ରମଣି ଦାସଙ୍କ ସମ୍ପର୍କରେ ଆଲୋଚନା କରାଯାଇଛି। ଏହା ଗବେଷକ ଓ ଆଲୋଚକଙ୍କୁ ଖୋରାକ ଯୋଗାଇବ ବୋଲି ଆଶା।



ବ୍ୟାକ୍ ପେଜ୍

# ସିଟି ଅଫ୍ ଗଣେଶ

ଚାଚୋଏଙ୍ଗସାଓକୁ ଥାଇଲାଣ୍ଡର 'ସିଟି ଅଫ୍ ଗଣେଶ' ବୋଲି କୁହାଯାଏ। କାରଣ ଏଠାକାର ତିନୋଟି ମନ୍ଦିରରେ ଅଛି ତିନୋଟି ବିରାଟକାୟ ଓ ଭିନ୍ନ ପ୍ରକାରର ଗଣେଶଙ୍କ ମୂର୍ତ୍ତି। ଆଉ ଏହି ପ୍ରତିମୂର୍ତ୍ତିଗୁଡିକୁ ପୃଥିବୀର ସବୁଠାରୁ ବୃହତ୍ ଭାବେ ଗଣନା



କରାଯାଏ। ଏଠାରେ ଥିବା ସବୁଠୁ ଉଚ୍ଚା ବସିଥିବା ଗଣେଶ ମୂର୍ତ୍ତି ୪୯ ମିଟର ଅଟେ, ଯାହା ଫ୍ରୋଙ୍ଗ ଆକତ ମନ୍ଦିରରେ ଅଛି। ଆଉ ସବୁଠାରୁ ଉଚ୍ଚା ଠିଆ ହୋଇଥିବା ଗଣେଶ ମୂର୍ତ୍ତି ୩୯ ମିଟରର ଅଟେ, ଯାହା ଖ୍ଲୋଙ୍ଗ ଖୁଇଆନ ଗଣେଶ ଇଣ୍ଟରନ୍ୟାଶନାଲ ପାର୍କରେ ଅଛି। ସବୁଠୁ ଉଚ୍ଚା ବିଶ୍ରାମ ମୁଦ୍ରାର ପ୍ରତିମୂର୍ତ୍ତି ଯାହାର ଉଚ୍ଚତା ୧୬ ମିଟର ଓ ଲମ୍ବ ୨୨ ମିଟର, ତାହା ସମନ ୱଉନରାମ ମନ୍ଦିରରେ ଅଛି। ଏହାବାଦ୍ ଗଣେଶଙ୍କର ଆହୁରି ଅନେକ ଗଣେଶ ପ୍ରତିମୂର୍ତ୍ତି ଥାଇଲାଣ୍ଡସାରା ଅଛି।





# ୯ବର୍ଷୀୟା ଫ୍ୟାଶନ୍ ଡିଜାଇନର୍





ପିଲାଦିନର କାର୍ଯ୍ୟକଳାପ ଅନେକ ସମୟରେ ସେମାନଙ୍କ ଭବିଷ୍ୟତକୁ ଦର୍ଶାଇଦେଇଥାଏ। ଠିକ୍ ଯେମିତି କଲରାଡୋର ୯ ବର୍ଷୀୟା କାଇଆ ଆରାଗୋନ। ଏଇ ବୟସରେ ସେ ତିଆରି କରିପାରୁଛନ୍ତି ଅନେକ ପ୍ରକାରର ଡିଜାଇନର୍ ପୋଷାକ। ୨୦୨୧ରେ ତାଙ୍କ ମା' ତୋନ୍ୟା ତାଙ୍କୁ ସିଲେଇ କରିବା ସିଖାଇଥିଲେ। କାରଣ କାଇଆ ମା'ଙ୍କୁ କହିଥିଲେ, ସେ ବଡ ହେଲେ ଫ୍ୟାଶନ ଡିଜାଇନର୍ ହେବାକୁ ଚାହୁଁଛନ୍ତି। ଏହା ଶୁଣି ମା' ତୋନ୍ୟା କହିଥିଲେ ବଡ ହେବା ପର୍ଯ୍ୟନ୍ତ ଅପେକ୍ଷା ନ କରି ଏବେଠାରୁ ପୋଷାକ ତିଆରି କରିବା ଆରମ୍ଭ ହେଇଯାଉ। ଆଉ ସେ ଝିଅ କାଇଆକୁ ସିଲେଇ ଶିଖାଇଲେ। ଏବେ କାଇଆ ଡ୍ରେସ୍, ଗାଉନ୍, ଟୁ ପିସ୍ ଭଳି ଅନେକ ଡିଜାଇନର୍ ପୋଷାକ ତିଆରି କରିପାରୁଛନ୍ତି। ପ୍ରାୟ ସବୁ ଡ୍ରେସ୍‌କୁ ସେ ନିଜ ସାଇଜ୍ ଅନୁସାରେ ତିଆରି କରନ୍ତି। ଆଉ ଡ୍ରେସ୍‌ଗୁଡିକ କିଭଳି କମ୍ଫର୍ଟେବୁଲ ହେବ ସେଥିପ୍ରତି ସେ ଅଧିକ ଗୁରୁତ୍ୱ ଦିଅନ୍ତି। ଡ୍ରେସ୍ ତିଆରି କରିବା ପରେ ତାକୁ ସେ ପିନ୍ଧି ଘରେ କ୍ୟାଟ୍ ୱାକ୍ କରନ୍ତି। ତା'ର ଭିଡିଓ କରି ସୋସିଆଲ ମିଡିଆରେ ଅପଲୋଡ ବି କରନ୍ତି। ଫଳରେ ଏବେ ତାଙ୍କର ଅନେକ ଫ୍ୟାନ ଅଛନ୍ତି। କାଇଆ ଭବିଷ୍ୟତରେ ଜଣେ ପ୍ରଫେଶନାଲ ଓ ନାମକରା ଫ୍ୟାଶନ ଡିଜାଇନର୍ ହେବାକୁ ଆଶା ରଖିଛନ୍ତି।



# ଫିଙ୍ଗର ୱାଶିଂ ମେସିନ୍

ପଟାଟୋ ଚିପ୍ସ ପ୍ରାୟ ସମସ୍ତଙ୍କୁ ଭଲ ଲାଗେ। ଟାଇମ୍ ପାସ୍ କରିବାର ଏହା ଏକ ଭଲ ମାଧ୍ୟମ। ଆଉ ଟ୍ରାଭେଲ କଲାବେଳେ ତ ଏହା ଯେମିତି ବି ହେଉ ସାଥୀରେ ଥାଏ। ତେବେ ଚିପ୍ସ ଖାଇବା ପରେ ଆଙ୍ଗୁଠିରେ ଲାଗିଥିବା ଚଟ୍‌ପଟା ଲଙ୍କା, ଲୁଣ ଓ ଅନ୍ୟାନ୍ୟ ମସଲା ମିଶା ଗୁଣ୍ଡକୁ କିଏ ଚାଟି ଦିଅନ୍ତି ତ କିଏ ରୁମାଲରେ ପୋଛନ୍ତି ଅବା କିଏ ହାତ ଧୁଅନ୍ତି। ଆଉ ଯେଉଁମାନେ ଅଳସପଣରେ ହାତ ଧୋଇ ନ ଥାନ୍ତି ସେମାନେ ଆଙ୍ଗୁଠିକୁ ଏଠି ସେଠି ପୋଛି ଦିଅନ୍ତି। ଏହିପରି ଲୋକଙ୍କ ପାଇଁ ପୃଥିବୀର ବେଷ୍ଟ ସେଲିଂ ପଟାଟୋ ଚିପ୍ସ କମ୍ପାନୀ ଲେସ୍ ତିଆରି କରିଛି ଏକ ଖାସ୍ ମେସିନ୍। ଏହା ଏକ ଛୋଟିଆ ମେସିନ୍ ଯେଉଁଥିରେ ଚିପ୍ସ ଖାଇବା ପରେ ତେଲ, ମସଲା ଲାଗିଥିବା ଆଙ୍ଗୁଠିକୁ ତା' ଭିତରେ ଦେଖାଇଦେଲେ ଆଙ୍ଗୁଠି ସଫା ହେଇଯିବ। ମେସିନ୍‌ଟି ଦେଖିବାକୁ ଏକ ଛୋଟିଆ ୱାଶିଂ ମେସିନ୍ ପରି। ମେସିନ୍‌ରେ ଥିବା ଅନ୍ ଅଫ୍ ସୁଇଚ୍‌କୁ ଚିପିଲେ ଏହା କାମ କରେ। ଆଙ୍ଗୁଳିକୁ ମେସିନ୍ ଭିତରେ ପୁରାଇଲେ କୌଣସି ଜାଦୁ ପରି ତାହା ସଫା ହୋଇଯାଏ। ଏଥିରେ ଏକ ଇଣ୍ଡକ୍ସନ ସିଷ୍ଟମ୍ ବ୍ୟବହାର କରାଯାଇଛି। ଯେଉଁଥିରୁ ଅଟୋମେଟିକ୍ ଆଲକହଲ୍ ସ୍ପ୍ରେ ହୋଇ ଫିଙ୍ଗର ଚିପ୍ସ ସଫା ହୋଇଯାଏ। ରିଫିଲ କରାଯାଇପାରୁଥବା ଟ୍ୟାଙ୍କରେ ଆଲକହଲ ରହେ। ଆଉ ସେଇଥିରୁ ଆଲକହଲ୍ ଆସି ଆଙ୍ଗୁଳିର ସ୍ପ୍ରେ ହୁଏ। ଏହି ମେସିନ୍‌ର ଲମ୍ବ ୧୫ ସେ.ମି. ଓ ଓସାର ୧୧ ସେ.ମି.। ଏଥିରେ ୟୁଏସ୍‌ବି ପୋର୍ଟ ବି ଅଛି, ଯାହା ଟାଇପ୍ ସି ଚାର୍ଜରରେ ଚାର୍ଜ ହୋଇଥାଏ।

